# ହାଇୱା-ବାଇକ୍ ମୁହାଁମୁହିଁ ଧକ୍କା : ଜଣେ ମୃତ



ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

## ଉତ୍ତ୍ୟକ୍ତ ଲୋକଙ୍କ ଷଣ୍ଢପୁରରେ ରାସ୍ତା ଅବରୋଧ

କୁଜଙ୍ଗ, ୩୦।୪ (ଡି.ଏନ୍.ଏ.)

କୁଜଙ୍ଗ ଥାନା କଟକ-ପାରାଦୀପ ରାସ୍ତାର ଷଣ୍ଢପୁର ପେଟ୍ରୋଲ ପମ୍ପ ନିକଟରେ ରବିବାର ଅପରାହ୍ନରେ ହାଇୱା ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ପଛରେ ବସିଥିବା ଯୁବକ ଗୁରୁତର ହୋଇଛନ୍ତି। ମୃତକ ହେଲେ କୁଜଙ୍ଗ ଥାନା ବାଗୋଇ ଗ୍ରାମର ଅଭିମନ୍ୟୁ ସ୍ୱାଇଁଙ୍କ ପୁଅ ସୁବାସ ସ୍ୱାଇଁ (୨୪) ଓ ଗୁରୁତର ଜଣକ ହେଲେ ସେହି ଗ୍ରାମର କୁଶା ପ୍ରଧାନଙ୍କ ପୁଅ ରାଜେନ୍ଦ୍ର ପ୍ରଧାନ (୧୯)। ଏନେଇ ଲୋକେ ଉତ୍ତ୍ୟକ୍ତ ହୋଇ ପେଟ୍ରୋଲ ପମ୍ପ ନିକଟରେ କଟକ-ପାରାଦୀପ ରାସ୍ତାରେ ଟାୟାର ଜାଳି ଅବରୋଧ କରିଛନ୍ତି।

ସୁବାସ ଓ ରାଜେନ୍ଦ୍ର ଏକ ବାଇକ୍‌ରେ ତାଳଦଣ୍ଡାପଟୁ ଗ୍ରାମକୁ ଫେରୁଥିବା ସମୟରେ ଷଣ୍ଢପୁର ପେଟ୍ରୋଲ ପମ୍ପ ନିକଟରେ ପାରାଦୀପ ଆଡୁ ଆସୁଥିବା ଏକ ହାଇୱା ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସୁବାସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରାଜେନ୍ଦ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ଦୁର୍ଘଟଣା ଘଟାଇଥିବା ହାଇୱା ଡ୍ରାଇଭର ଫେରାର ହୋଇଯାଇଛି। ରିପୋର୍ଟ ଲେଖାହେବାବେଳକୁ ପେଟ୍ରୋଲ ପମ୍ପ ନିକଟରେ ରାସ୍ତା ଅବରୋଧ ଜାରି ରହିଥିଲା।

# ନାବାଳିକାଙ୍କୁ ଅପହରଣ ଅଭିଯୋଗ

ନାଉଗାଁ,୩୦।୪(ସ୍ୱ.ପ୍ର)

ନାଉଗାଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଅପହୃତା ନାବାଳିକା ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ଛାତ୍ରୀ। ସେ ଦଶମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଶନିବାର ବିଦ୍ୟାଳୟକୁ ଯାଇଥିଲେ। କିନ୍ତୁ ଦିନ ୩ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ପକ୍ଷରୁ ବିଦ୍ୟାଳୟ ସମେତ ସମସ୍ତ ବନ୍ଧୁବାନ୍ଧବ ଘରେ ଖୋଜାଖୋଜି କରିଥିଲେ। କିନ୍ତୁ ନାବାଳିକାଙ୍କ କୌଣସି ସୂଚନା ମିଳି ନ ଥିଲା। ଏନେଇ ତାଙ୍କୁ ଅପହରଣ କରାଯାଇଥିବା ନାବାଳିକାଙ୍କ ବାପା ଅଭିଯୋଗପତ୍ରରେ ଦର୍ଶାଯାଇଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ.୧୦୬/୨୩) ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ଥାନାଧିକାରୀ ଅନିରୁଦ୍ଧ ନାୟକ ପ୍ରକାଶ କରିଛନ୍ତି।

# ୩.୧୨ କୋଟିରୁ ୮୬.୯୦ ଲକ୍ଷ ଟଙ୍କା ବାକି

## ସାବିତ୍ରୀ ମିଲ୍ ଚାଉଳ ଲୁଟ୍ ଘଟଣା

- ୭ ବର୍ଷ ହେଲା ସୁରକ୍ଷିତ ଅଧିକାରୀ
- ଯୋଗାଣ ବିଭାଗର ଅଯାଚିତ ଅନୁକମ୍ପା

ଯାଜପୁର ଅଫିସ,୩୦।୪

ଯାଜପୁର ଜିଲା ବଡ଼ଚଣା ବ୍ଲକ ଓଲରାସ୍ଥିତ ସାବିତ୍ରୀ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିଃ ଓ ମୟୂରଭଞ୍ଜ ଜିଲା କରଞ୍ଜିଆସ୍ଥିତ ସାବିତ୍ରୀ ରାଇସ୍ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିଃ ଉପରେ ସାର୍ଟିଫିକେଟ ମାମଲା ଚୂଡ଼ାନ୍ତ ହୋଇ ପାରିନାହିଁ। ଯାଜପୁର ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ) ସଲାଉଦ୍ଦିନ ଖାନଙ୍କ ରିପୋର୍ଟ ଆଧାରରେ ହଡ଼ପ ୩ କୋଟି ୧୨ ଲକ୍ଷ ୪୦ ହଜାର ୭୪୪ ଟଙ୍କା ମଧ୍ୟରୁ ଏଯାଏ ୮୬ ଲକ୍ଷ ୯୦ ହଜାର ୭୩୫ ଟଙ୍କା ଦାଖଲ କରାଯାଇନାହିଁ। ତେବେ ଏଥିରେ ସମ୍ପୃକ୍ତ କେତେଜଣ ଅଧିକାରୀଙ୍କୁ ୭ ବର୍ଷ ହେଲା ବିଭାଗୀୟ ସୁରକ୍ଷା ଦିଆଯାଇ କେବଳ ଡିପାର୍ଟମେଣ୍ଟାଲ ପ୍ରୋସିଡିଂରେ କାର୍ଯ୍ୟାନୁଷ୍ଠାନ ସୀମିତ ରଖାଯାଇଛି।

ସିଏସ୍‌ଓଙ୍କ ରିପୋର୍ଟ ଅନୁସାରେ ୨୦୧୫-୧୬ ବର୍ଷରେ ଯାଜପୁର ଏବଂ କେନ୍ଦୁଝର ଜିଲାରେ ଥିବା ସାବିତ୍ରୀ ରାଇସ୍ ମିଲରେ ସମୁଦାୟ ୪ କୋଟି ୪ ଲକ୍ଷ ୨୪ ହଜାର ୩୯୩ ଟଙ୍କାର ଚାଉଳ ହରିଲୁଟ ହୋଇଥିବା ଅଡିଟରେ ଧରାପଡିଥିଲା। ତେବେ ସିକ୍ୟୁରିଟି ଡିପୋଜିଟ, ଅସୁଲି ଅର୍ଥ ଆଦିକୁ ମିଶାଇବା ପରେ ୩ କୋଟି ୮ ଲକ୍ଷ ୯୪୨ ଟଙ୍କା ସାବିତ୍ରୀ ରାଇସ ମିଲକୁ ଦାଖଲ କରିବାକୁ ଥିଲା। କେତେଜଣ ବିଭାଗୀୟ ଅଧିକାରୀଙ୍କ ସହ ମିଶି ଉପରୋକ୍ତ ସରକାରୀ ଅର୍ଥକୁ ଆତ୍ମସାତ୍ କରିବାକୁ ମିଳିମିଶି ଉଦ୍ୟମ କରାଯାଇଥିଲା। କିନ୍ତୁ ଅଡିଟ ରିପୋର୍ଟରେ ଧରାପଡିବା ପରେ ସାବିତ୍ରୀ ରାଇସ ମିଲର ମାଲିକଙ୍କ ନାମରେ ସାର୍ଟିଫିକେଟ କେଶ ସହ ସିଆଇଡି, କ୍ରାଇମବ୍ରାଞ୍ଚରେ ୪୦୯ପିସି/୧୭।୮।୨୦୧୭ରେ ଏକ ମାମଲା ରୁଜୁ ହୋଇଥିଲା। ତେବେ ସରକାରୀ ଅର୍ଥ ବାଟମାରଣା ଏବଂ ଦୁର୍ନୀତି ପ୍ରମାଣ ହେବା ପରେ ମାଲିକଙ୍କୁ ଜେଲଦଣ୍ଡ ସହ ଆତ୍ମସାତ୍ ଟଙ୍କା କିସ୍ତି ଅନୁସାରେ ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି କୋର୍ଟରେ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ତେବେ ଏହି ମହାଦୁର୍ନୀତିରେ ସମ୍ପୃକ୍ତ ଏସିଏସ୍‌ଓ ପ୍ରହ୍ଲାଦ ସେଠୀ ଓ ମାର୍କେଟିଂ ଇନ୍ସପେକ୍ଟର(ଏମ୍‌ଆଇ) ବିଶ୍ୱଜିତ ମିଶ୍ରଙ୍କୁ ୭ ବର୍ଷ ହେଲା ବିଭାଗୀୟ ସୁରକ୍ଷା ଯୋଗାଇ ଦିଆଯାଇ ମାତ୍ର ଡିପାର୍ଟମେଣ୍ଟାଲ ପ୍ରୋସିଡିଂରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଛି। ନିଗମର ଉପରୋକ୍ତ କ୍ଷତି ଟଙ୍କା ପାଇଁ ସାବିତ୍ରୀ ଇଣ୍ଡଷ୍ଟ୍ରିଜ ଏବଂ ଯାଜପୁରଠାରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ବେଆଇନ ଧାନ ପରିବହନରେ ଦାୟୀ ଅଧିକାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଅଛି ସେ ସଂକ୍ରାନ୍ତରେ ବିଭାଗୀୟ ଜବାବ୍ ତଲବ ହେଉଥିଲେ ହେଁ କିଛି ସୁଫଳ ମିଳି ପାରିନାହିଁ। କୌଣସି ଏକ ଅଦୃଶ୍ୟ ଶକ୍ତି ବଳରେ ଏହି ଦୁର୍ନୀତିକୁ ପରୋକ୍ଷରେ ସହଯୋଗ କରିଥିବା ଅଧିକାରୀଙ୍କୁ ଏକ ପ୍ରକାର ପୁରସ୍କୃତ କରାଯାଇଥିବା ମତପ୍ରକାଶ ପାଇଛି।

ସିଏସ୍‌ଓଙ୍କ ରିପୋର୍ଟ ଅନୁଯାୟୀ, ୨୦୧୫-୧୬ଧାନସଂଗ୍ରହବର୍ଷରେସାବିତ୍ରୀ ଇଣ୍ଡଷ୍ଟ୍ରିଜକୁ ୬୨୨୩୯.୫୧ କୁଇଣ୍ଟାଲ ଧାନ ଚାଉଳ ମିଲିଂ ପାଇଁ ଦିଆଯାଇଥିଲା। ଜିଲାର ପିଡିଏସ, ଅନ୍ତ୍ୟୋଦୟ, ଏମଡିଏମ୍ ଆଦି ହିତାଧିକାରୀଙ୍କୁ ବଣ୍ଟନ କରିବାକୁ ନିର୍ଦ୍ଧାରିତ ସମୟରେ ୪୨୩୨.୨୮୬ ମେଟ୍ରିକ ଟନ୍ ଚାଉଳ ଦାଖଲ କରିବା କଥା । କିନ୍ତୁ ମାତ୍ର ୧୪,୮୨୪.୦୮ କୁଇଣ୍ଟାଲ ଚାଉଳ ଦାଖଲ କରିଥିଲା। ଏହାବାଦ୍ ମୟୂରଭଞ୍ଜ ଜିଲା କରଞ୍ଜିଆ ସାବିତ୍ରୀ ରାଇସ ମିଲକୁ ୪୦,୨୩୯.୫୧ କୁଇଣ୍ଟାଲ ଧାନ ପରିବହନ ହୋଇଥିଲା । ତଦନୁସାରେ କରଞ୍ଜିଆ ମିଲରୁ ୨୭୩୬୨.୮୭ କୁଇଣ୍ଟାଲ ଚାଉଳ ଦାଖଲ ପ୍ରଶାସନ ନିକଟରେ ଦାଖଲ ହେବାର ନିୟମ ରହିଛି। କିନ୍ତୁ ମାତ୍ର ୯,୫୭୮.୦୪ କୁଇଣ୍ଟାଲ ଚାଉଳ କରଞ୍ଜିଆ ମିଲରୁ ଦାଖଲ ହୋଇଥିଲା। ବାକି ୧୭,୭୮୪.୮୩ କୁଇଣ୍ଟାଲ ଚାଉଳ ଦାଖଲରେ ଅନିୟମିତତା ହୋଇଥିଲା। ଇତିମଧ୍ୟରେ ମିଲ ମାଲିକ ଦିଲ୍ଲୀପ କୁମାର ଅଗ୍ରୱାଲ ୨ କୋଟି ୨୫ ଲକ୍ଷ ୫୦ ହଜାର ୯ ଟଙ୍କା କିସ୍ତି ଅନୁସାରେ ଦାଖଲ କରି ସାରିଛନ୍ତି। ହେଲେ ଏହି ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀମାନେ ଆରାମରେ ବିଭାଗୀୟ ପଦପଦବୀରେ ଅଧିଷ୍ଠିତ ରହି ଏବେ ବି ଚାଉଳ ଯୋଗାଣରେ ମିଲ୍ ମାଲିକମାନଙ୍କ ସହ ମିଶି ଅନିୟମିତତା କରୁଥିବା ଅଭିଯୋଗ ହେଉଛି।

ଏ ସଂକ୍ରାନ୍ତରେ ଯାଜପୁର ସିଏସ୍‌ଓ ସଲାଉଦ୍ଦିନ ଖାନଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ଫୋନ୍‌କୁ ରବିବାର ରାତି ପ୍ରାୟ ୭ ଟା ୫୮ ମିନିଟରେ ଯୋଗାଯୋଗ କରିଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

# ଦଧୀଚି ଡାକ୍ତର ଜଗନ୍ନାଥ ଦାସଙ୍କ ତିରୋଧାନ ଦିବସ

ଛତିଆ,୩୦।୪(ଡି.ଏନ.ଏ.):

ବଡ଼ଚଣା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ଓଡ଼ିଶାର ପ୍ରଥମ ଦଧୀଚି ଡାକ୍ତର ଜଗନ୍ନାଥ ଦାସଙ୍କ ଦ୍ୱାଦଶତମ ତିରୋଧାନ ଦିବସ ବଡ଼ଚଣା ବ୍ଲକର ବିଭିନ୍ନ ପଞ୍ଚାୟତରେ ପାଳିତ ହୋଇଯାଇଛି। ଛତିଆଠାରେ ସାମାଜିକ କର୍ମୀ ଅନନ୍ତ କିଶୋର ଷେଣ୍ଢଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଛତିଆ ସରପଞ୍ଚ ରମେଶ ପୃଷ୍ଟି, ସମିତିସଭ୍ୟ ଦୀପକ ସାହୁ, ପ୍ରିୟନାଥ ପୃଷ୍ଟି, ରବୀନ୍ଦ୍ର ସାହୁ, ଗିରୀଶ ପାତ୍ର, ତୁଷାର ପଣ୍ଡା, ସୁଶାନ୍ତ ସାହୁ ଓ ବିପିନ ବିଶ୍ୱାଳଙ୍କ ସମେତ ବହୁ ସାମାଜିକ କର୍ମୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଏବଂ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ପୂର୍ବତନ ବିଧାୟକ ଦାସଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଶୁଭଲକ୍ଷ୍ମୀ



@ ଲିପି



@ ସ୍ମୃତିରେଖା



@ ପ୍ରଭଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




**ସଂକ୍ଷେପରେ**

## ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା

- ଟ୍ରେନ ଅଟକାଇ ଆହତଙ୍କୁ ଉଦ୍ଧାର କଲେ ଚାଳକ
- ଡିଏଚ୍‌ଏଚ୍‌ରେ ପ୍ରାଣ ହରାଇଲେ

**ନୟାଗଡ଼ ଅଫିସ.୩୦।୪:** ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ରବିବାର ସନ୍ଧ୍ୟାରେ ମେମୁ ଟ୍ରେନ ସମ୍ମୁଖକୁ ଡେଇଁ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି । ଏଭଳି ଘଟଣା ରଣପୁର ଥାନାର ରାଜସୁନାଖଳାରେ ଘଟିଛି । ଚାଳକ ଟ୍ରେନକୁ ଅଟକାଇ ଆହତଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେବେ ରବିବାର ରାତିରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି । ମୃତକଙ୍କ ନାମ ଜଣାପଡି ନ ଥିଲେ ମଧ୍ୟ ତାଙ୍କ ରଣପୁର ଥାନା ଅଧୀନ ସୁନାଖଳାରେ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ମେମୁ ଟ୍ରେନ ନୟାଗଡ଼ ଆସୁଥିଲା । ରାଜସୁନାଖଳା ଅତିକ୍ରମ କରିବାବେଳ ଜଣେ ୫୦ ବର୍ଷର ବ୍ୟକ୍ତି ଟ୍ରେନ ଆଗକୁ ଡେଇଁ ପଡିଥିଲେ । ଏହି ସମୟରେ ଚାଳକ ଟ୍ରେନ ଅଟକାଇ ଆହତଙ୍କୁ ସେହି ଟ୍ରେନରେ ନୟାଗଡ଼ ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସରେ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଖବର ପାଇ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଛନ୍ତି । ଏନେଇ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା କୁହନ୍ତି, ଉକ୍ତ ଘଟଣା ରଣପୁର ଥାନା ଅଞ୍ଚଳରେ ଘଟିଥିବାରୁ ରଣପୁର ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବ। ମୃତକଙ୍କ ନାମ ଜଣାପଡି ନାହିଁ । ତାଙ୍କ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିଛନ୍ତି । ସେମାନଙ୍କୁ ପଚରାଉଚୁରା ପରେ ସମସ୍ତ ତଥ୍ୟ ସାମ୍ନାକୁ ଆସିବ ।

# ଫଳକରେ ବିପଦସଙ୍କୁଳ ଲେଖି ଭୁଲିଗଲେ



ଲଗାଯାଇଥିବା ସୂଚନା ଫଳକ ।


ବିପସଙ୍କୁଳ ପୋଲରେ ଚାଲିଛି ଯାତାୟାତ ।

**ନୟାଗଡ଼ ଅଫିସ.୩୦।୪**

**ହାଇକୋର୍ଟରେ ଜନସ୍ୱାର୍ଥ ମାମଲା**

- ଭଙ୍ଗା ସେତୁ ଉପରେ ଚାଲିଛି ଯାତାୟତ
- ପୁରୁଣା ସେତୁକୁ ଭାଙ୍ଗି ନୂଆ ନିର୍ମାଣ ହେଉନି
- ନୂଆ ସେତୁ ନିର୍ମାଣରେ କଚ୍ଛପ ଗତି
- ୯ ବିଭାଗକୁ ପକ୍ଷଭୁକ୍ତ କରାଯାଇ ରୁଜୁ ହୋଇଛି ମାମଲା

ଆବଶ୍ୟକ ସ୍ଥାନରେ ସେତୁ ନିର୍ମାଣ ନ କରିବା ଓ ବିପଦସଙ୍କୁଳ ସେତୁକୁ ଭାଙ୍ଗି ନୂଆ ସେତୁ ନିର୍ମାଣ କରିବାକୁ ସରକାର ଭୁଲି ଯାଇଛନ୍ତି । ଯେତେ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଏହାକୁ ବିରୋଧ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି । ଏନେଇ ପୂର୍ତ୍ତ ବିଭାଗ ସଚିବ, ନୟାଗଡ଼ ଜିଲାପାଳ, ଓଡ଼ିଶା ସେତୁ ନିର୍ମାଣ ବିଭାଗ, ନୟାଗଡ଼ ପୂର୍ତ୍ତ ବିଭାଜନ ନିର୍ବାହୀ ଯନ୍ତ୍ରୀ, ପ୍ରକଳ୍ପ ନିର୍ଦ୍ଦେଶକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଓଡ଼ଗାଁ, ରଣପୁର ଓ ଖଣ୍ଡପଡ଼ା ବିଡିଓଙ୍କୁ ପକ୍ଷଭୁକ୍ତ କରାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍‌.ମୁରଲୀଧରନ୍‌ ଏବଂ ଜଷ୍ଟିସ ଜି. ଶତପଥୀଙ୍କ ଖଣ୍ଡପୀଠ ଉକ୍ତ ଅଭିଯୋଗକୁ ବିଚାରକୁ ନେଇ ଜୁଲାଇ ୧ ସୁଦ୍ଧା କ'ଣ ପଦକ୍ଷେପ ନିଆଯାଇଛି ଆବେଦନକାରୀଙ୍କୁ ଅବଗତ କରାଇବାକୁ ନୟାଗଡ଼ ଜିଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ମାମଲର ସୂଚନା ଅନୁଯାୟୀ, ନୟାଗଡ଼ ଜିଲାର ଶରଣକୁଳ ଲଡୁବାବାଙ୍କ ଧାମରୁ ଶ୍ରୀକ୍ଷେତ୍ର ପୁରୀକୁ ପଡିଥିବା ନୂଆ ଜଗନ୍ନାଥ ସଡ଼କର ଡିମିଶର ପନ୍ଦାରିଛକସ୍ଥିତ ଦୁଆଣ୍ଟ ନଦୀ ପୋଲ ଭୁଶୁଡିବାର ଇତିମଧ୍ୟରେ ସାଢ଼େ ୧୬ ମାସ ବିତି ଯାଇଛି। ହେଲେ ନୂଆ ପୋଲ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇ ପାରିନି । କିନ୍ତୁ ମଝିରେ ଟଙ୍କା ମଞ୍ଜୁର ହୋଇଛି ବୋଲି ସୋସିଆଲ ମିଡିଆରେ ବାହାବା ନିଆଯାଉଛି । ନୂଆ ସେତୁ ନିର୍ମାଣ କରାଯାଉ ନ ଥିବାରୁ ବର୍ଷାଋତୁରେ ଗୋଡିପଡା, ଡମସାହି, ପଞ୍ଚୁମୁ, ଡିମଶର ପରି ୫୦ରୁ ଊର୍ଦ୍ଧ୍ୱ ଗାଁ ବିଚ୍ଛିନ୍ନ ହୋଇ ରହୁଛି । ଅନ୍ୟପକ୍ଷେ ନଦୀ ମଧ୍ୟସ୍ଥ ଅସ୍ଥାୟୀ ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ରହିଛି । ଦୁଆଣ୍ଟ ପୋଲ ଦବିବା ପରେ ଏଠାକାର ଅଞ୍ଚଳର ଲୋକଙ୍କ ଦୁଃଖ ବଢ଼ିଛି । ପ୍ରାୟ ୩୮ ବର୍ଷ ତଳେ ତତ୍କାଳୀନ ରଣପୁର ବିଧାୟକ ରମାକାନ୍ତ ମିଶ୍ର ଦୁଆଣ୍ଟ ନଦୀର ପୋଲକୁ ଉଦ୍‌ଘାଟନ କରିଥିଲେ । ପୋଲଟି ବହୁ ବର୍ଷର ପୁରୁଣା ହୋଇଥିଲେ ହେଁ ଭଲ ଥିଲା । ବାଲି ବ୍ୟବସାୟୀମାନେ ନଦୀ ଶର୍ଯ୍ୟାକୁ ଖୋଳି ବାଲି ନେଇ ଯିବା ପରେ ବନ୍ୟାଜଳ ପୋଲର ର୍‍ୟାଫ୍ଟ ଫାଉଣ୍ଡେଶନର ପାର୍ଶ୍ୱରେ ସୃଷ୍ଟି ହୋଇଥିବା ଗାତରେ ଜମି ରହିଥିଲା । ର୍‍ୟାଫ୍ଟ ଫାଉଣ୍ଡେଶନର ଗର୍ତ୍ତକୁ ମରାମତି ନେଇ ସ୍ଥାନୀୟ ଲୋକ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ହେଁ ପୂର୍ତ୍ତ ବିଭାଗ ଅଣଦେଖା କରିଥିଲା । ଏଣୁ ୨୦୨୧ ଡିସେମ୍ବର୨୯ରେ ପୋଲଟି ଦବି ଯାତାୟତ ବନ୍ଦ ହୋଇଗଲା। ଯଦିଓ ପୋଲଟି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ନାହିଁ ତେବେ ଧିରେ ଧିରେ ଦବି ଚାଲିଛି । ପୂର୍ତ୍ତ ବିଭାଗ ପକ୍ଷରୁ ପୋଲକୁ ବିପଦ ସଙ୍କୁଳ ଘୋଷଣା କରାଯାଇ ନାମଫଳକ ଲଗାଯାଇ ରାସ୍ତା ବନ୍ଦ କରାଯାଇଛି । ତେବେ ବିପଦସଙ୍କୁଳ ସେତୁରେ ଯାତାୟତ ଚାଲିଛି । ସେହିପରି ରଣପୁର ବ୍ଲକ ରଣପୁର ରାଜସୁନାଖଳା ରାସ୍ତାର ସଡ଼କର ଚମ୍ପତିପୁର ନିକଟରେ ମନ୍ଦାକିନୀ ସେତୁ ପରିତ୍ୟକ୍ତ ହୋଇ ପଡି ରହିଛି । ୬ ବର୍ଷ ହେଲା ବିପଦସଙ୍କୁଳ ହୋଇ ପଡିଥିଲେ ମଧ ପୂର୍ତ୍ତ ବିଭାଗ ପକ୍ଷରୁ 'ସେତୁ ବିପଦ ସଙ୍କୁଳ' ବୋର୍ଡମାରିଦାୟିତ୍ୱ ଶେଷ କରିଦିଆଯାଇଛି। ବିପଦସଙ୍କୁଳ ପୋଲରେ ଯାନବାହାନ ଯାତାୟତ କରୁଛି । ବନ୍ଦମୁଣ୍ଡା ପଞ୍ଚାୟତର ରାଆଁଳା ପୋଲଟିକୁ ମଧ ଅବହେଳା କରାଯାଇଥିବା ଅଭିଯୋଗ ରହିଛି । ତେବେ ଏହାର ସଂଯୋଗ ରାସ୍ତା ନିକଟରେ ଶେଷ ହୋଇଥିବା ଦେଖାଯାଇଛି । ଖଣ୍ଡପଡ଼ା ବ୍ଲକ କିଆଝର ପଞ୍ଚାୟତ କୁଆଁରିଆଁ ନଦୀ ଉପରେ ଥିବା ମଙ୍ଗରାଜପୁର ଗିରିଡିପଲ୍ଲୀ ପୋଲ ବହୁ ଦିନ ହେବ ନିର୍ମାଣ ଚାଲିଥିଲେ ମଧ କାମ ଶେଷ ହେଉନି । କାମ ଶୀଘ୍ର ଶେଷ କରିବାକୁ ଦାବି ହୋଇ ଆସୁଥିଲେ ମଧ ଅଣଦେଖା କରାଯାଉଛି । ନୂଆଗାଁ ବ୍ଲକ ଜଗନ୍ନାଥପ୍ରସାଦ ସୋରଡା ରାସ୍ତାର ବେଲପା ନାଳ ଉପରେ ଆଦୌ ପୋଲ ନାହିଁ । ପୋଲଟିଏ ନିର୍ମାଣ କରିବାକୁ ସ୍ଥାନୀୟ ବାସିନ୍ଦା ବାରମ୍ବାର ଦାବି କରି ଆସୁଥିଲେ ମଧ ଏହାକୁ ଅଣଦେଖା କରାଯାଉଛି । ଏନେଇ ଆବେଦନକାରୀ ଦିଲ୍ଲୀପ କୁମାର ସାମନ୍ତରାୟ କୁହନ୍ତି, ସରକାର ଓ ପ୍ରଶାସନ ଲୋକଙ୍କ ଅସୁବିଧାକୁ ଭୁଲି ଯାଉଛନ୍ତି । ସେତୁ ନିର୍ମାଣରେ କାହିଁକି କଚ୍ଛପ ଗତି ହେଉଛି, ଆବଶ୍ୟକ ସ୍ଥାନରେ କାହିଁକି ସେତୁ ନିର୍ମାଣ ହେଉନି ଓ ବିପଦସଙ୍କୁଳ ସେତୁକୁ ଭଙ୍ଗା ଯାଇ ନୂଆ ପୋଲ କାହିଁକି ତିଆରି ହେଉନି ସେନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି । ସନ୍ତୋଷ ଜନକ ଉତ୍ତର ନ ମିଳିଲେ ଅଦାଲତ ଅବମାନନା ମାମଲା ରୁଜୁ କରାଯିବ ବୋଲି ସେ କହିଛନ୍ତି ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଶୁଭଲକ୍ଷ୍ମୀ


@ ଲିପି


@ ସ୍ମୃତିରେଖା


@ ପ୍ରଭଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

DSPL-25


## ସଂକ୍ଷେପରେ

### ରାଜକନିକାରୁ ସାଇକେଲ ଯୋଗେ ୨ ସାଙ୍ଗଙ୍କ ଶ୍ରୀକ୍ଷେତ୍ର ଯାତ୍ରା




ରାଜକନିକା, ୩୦।୪(ଡି.ଏନ୍.ଏ.) ସେମିତି କିଛି ଆଲୋଚନା ବି ହୋଇ ନ ଥିଲା। ମନକୁ ଆସିଲା ଜଗା ଦର୍ଶନ କରିବା ପାଇଁ। କେବଳ ନିଜ ନିଜ ପରିବାରକୁ ଜଣାଇଥିଲେ ସେମାନେ ଶ୍ରୀକ୍ଷେତ୍ର ଯିବେ, ବଡ଼ ଠାକୁରଙ୍କୁ ଦର୍ଶନ କରିବେ। ପରିବାର ଲୋକେ ଏଭଳି ନିଷ୍ପତ୍ତିରେ ମନ ଉଣା କଲେ। ଛୋଟପିଲା କେମିତି ପୁରୀ ଯିବେ। ହେଲେ ଜଗାର ମୋହ ଏମିତି ଥିଲା ଯେ, ଆଗପଛ କିଛି ବିଚାର ନ କରି ନିଜର ସାଇକେଲ ଧରି ଦୁଇ ସାଙ୍ଗ ରବିବାର ଭୋରୁ ବାହାରି ପଡିଲେ ରାଜକନିକାରୁ ଶ୍ରୀକ୍ଷେତ୍ର ଅଭିମୁଖେ। ୨ ସାଙ୍ଗ ହେଉଛନ୍ତି ରାଜକନିକା ବ୍ଲକ ବାଘବୁଦା ପଞ୍ଚାୟତ ତଇଲା ଗାଁର ଗଣେଶ ପଲାଇଙ୍କ ପୁଅ ତୁଷାର (୧୮) ଓ କୁନାଚାନ୍ଦ ମଲ୍ଲିକଙ୍କ ପୁଅ ମନମୋହନ (୧୭)। ତୁଷାର ସ୍ଥାନୀୟ ଏସ୍.ଏନ. କଲେଜର ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ର ହୋଇଥିବା ବେଳେ, ମନମୋହନ ମଧ ସେହି କଲେଜର ଯୁକ୍ତ ୨ ଶେଷ ବର୍ଷର ଛାତ୍ର। ୨୦୦ ଶହ କି.ମି. ରାସ୍ତା ଅତିକ୍ରମ କରିବାକୁ ୨ ସାଙ୍ଗ ରାତି ୯ଟା ସୁଦ୍ଧା ଭୁବନେଶ୍ୱର ଅତିକ୍ରମ କରି ପୁରୀ ଅଭିମୁଖେ ଯାତ୍ରା କରୁଥିବା ଖବର ଫୋନ୍ ଯୋଗେ ଜଣାଇଛନ୍ତି। ରାତି ୧୦ ସୁଦ୍ଧା ସେମାନେ ଶ୍ରୀକ୍ଷେତ୍ରରେ ପହଞ୍ଚିବାର ଆଶା ରଖିଛନ୍ତି। ସାଇକେଲରେ ରାଜକନିକାରୁ ପୁରୀଧାମ ସାମ୍ନାରେ ଲେଖି ସାଇକେଲ ପଛରେ ଜାତୀୟ ପତାକା ବାନ୍ଧି ୨ସାଙ୍ଗ ଅଗ୍ରସର ହେଉଛନ୍ତି। ବାଟରେ ବହୁ ଅନୁଷ୍ଠାନ, ବଦାନ୍ୟ ବ୍ୟକ୍ତି ଦୁହିଁଙ୍କୁ ଅଟକାଇ ଥଣ୍ଡା, ଲସି, ଆଖୁରସ ଦେଉଥିବା ନେଇ ମନମୋହନ ସୂଚନା ଦେଇଛନ୍ତି। ତେବେ ସାଲେପୁର ନିକଟରେ ଏକ ହୋଟେଲରେ ମଧ୍ୟାହ୍ନ ଭୋଜନ ପରେ ମାତ୍ର ୨୦ ମିନିଟ୍ ବିଶ୍ରାମ ପରେ ପୁଣି ଯାତ୍ରା କରିଥିଲେ। ପୁରୀରେ ପହଞ୍ଚି ଜଗା ଦର୍ଶନ କରି ସମଗ୍ର ରାଷ୍ଟ୍ରର ଶୁଭ ମନାସିବେ ବୋଲି ସେମାନେ କହିଛନ୍ତି। ନିରନ୍ତର ସାଇକେଲ ଚଲାଇ ଏତେ ବାଟ ଯିବା ବେଳେ କଷ୍ଟ ହେଉଥିବା କଥା ପଚାରିଲେ ସବୁକିଛି ଜଗାର ଇଚ୍ଛା ବୋଲି ସେମାନେ କହିଥିଲେ।

# ପୁରୁଷଙ୍କ ତୁଳନାରେ ମହିଳା ଶ୍ରମିକଙ୍କୁ ଉଚିତ ମୂଲ୍ୟ ମିଳୁନି

**ଆଜି ବିଶ୍ୱ ଶ୍ରମ ଦିବସ**

- ଅଧିକାର, ଅଂଶଗ୍ରହଣ, ଭୂମିକା ଉପରେ ଗୁରୁତ୍ୱାରୋପ

ମହାକାଳପଡ଼ା,୩୦।୪(ଡି.ଏନ୍.ଏ.)

ମେ' ୧ ତାରିଖକୁ ଶ୍ରମ ଦିବସ ଭାବେ ପାଳନ କରାଯାଉଛି। ଏହା ୧୮୮୬ ମସିହାରୁ ବିଶ୍ୱର ୮୦ଟି ଦେଶରେ ପାଳନ ହୋଇଆସୁଛି। ଏହି ଶ୍ରମ ଦିବସ ପାଳନ କରିବାର ମୁଖ୍ୟ ତାତ୍ପର୍ଯ୍ୟ ହେଲା ଶ୍ରମିକମାନଙ୍କର ହକ୍ ଅଧିକାର, ଅଂଶଗ୍ରହଣ ଓ ଭୂମିକାକୁ ଗୁରୁତ୍ୱ ଦିଆଯାଏ। ବିଶ୍ୱର ଅର୍ଥନୈତିକ କ୍ଷେତ୍ରରେ ଶ୍ରମିକମାନଙ୍କର ମୁଖ୍ୟ ଭୂମିକା ନିର୍ବାହ କରିଥାଏ ବୋଲି କୁହାଯାଏ। ସେହିପରି ଏହି ଦିବସରେ ଶ୍ରମିକମାନେ ସେମାନଙ୍କର ନ୍ୟାଯ୍ୟ ଦାବି ପାଇବା ପାଇଁ ସରକାରଙ୍କ ପକ୍ଷରୁ କିଛି ଘୋଷଣା କରାଯାଏ। ସାମ୍ପ୍ରତିକ ସମାଜରେ ପୁରୁଷ ଶ୍ରମିକଙ୍କୁ ଉପଯୁକ୍ତ ପ୍ରାପ୍ୟ ବା ମଜୁରି ମିଳୁଥିବାବେଳେ ସେହି ତୁଳନାରେ ମହିଳା ଶ୍ରମିକଙ୍କ କ୍ଷେତ୍ରରେ ଅସମାନତା ଦେଖାଯାଏ।

ଅପରପକ୍ଷରେ ବିଶେଷକରି ମହିଳା ଓ ପୁରୁଷ ଶ୍ରମିକମାନେ ଗାଁଗୁଡ଼ିକରେ କାମ ଧନ୍ଦା ନ ପାଇ ବାହାର ରାଜ୍ୟକୁ ଯାଉଛନ୍ତି। ସେଠାରେ ଦଲାଲମାନଙ୍କ ଦ୍ୱାରା ବହୁ ସମୟରେ ଶୋଷଣ ହେଉଥିବା ନଜିର ରହିଛି। କେତେବେଳେ ବକେୟା ପାଉଣା ପାଇଁ ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହୋଇଥା'ନ୍ତି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ବସବାସ କରୁଥିବା ଅନୁସୂଚିତ ଜନଜାତି ଅଧ୍ୟୁଷିତ ସ୍ଥାନରେ ଶ୍ରମିକମାନେ ନିରକ୍ଷର ହୋଇଥିବାରୁ ବହୁ ସମୟରେ ଶୋଷଣର ଶିକାର ହୋଇଥା'ନ୍ତି। ଦଲାଲମାନେ ଠିକାଦାରମାନଙ୍କଠାରୁ ଉଚିତ ମୂଲ୍ୟ ଆଣି ସେମାନଙ୍କୁ ସ୍ୱଳ୍ପ ମଜୁରି ଦେଇଥା'ନ୍ତି। ଏହି ଅଞ୍ଚଳରେ ବହୁସଂଖ୍ୟାରେ କୁଶଳୀ, ଅଣକୁଶଳୀ, ଅର୍ଦ୍ଧକୁଶଳୀ ଶ୍ରମିକ ରହିଥିବା ବେଳେ ସଚେତନତା ଅଭାବରୁ ଜିଲା ଶ୍ରମ କାର୍ଯ୍ୟାଳୟରେ ନାମ ପଞ୍ଜୀକୃତ କରିବାରେ ବହୁ ବାଦ୍ ପଡୁଛନ୍ତି। ସେମାନଙ୍କୁ ପ୍ରଲୋଭନ ଦେଖାଇ ଗ୍ରାମାଞ୍ଚଳରେ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ଶ୍ରମ ଜବ୍‌କାର୍ଡ କରେଇ ଦେବାକୁ କହି ଶତାଧିକ ଟଙ୍କା ଲୁଟୁଥିବା ନେଇ ବିଗତ ଦିନରେ ନଜିର ରହିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଶ୍ରମିକମାନଙ୍କୁ ସଚେତନ କରାଇବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ପୂର୍ବତନ ସରପଞ୍ଚ ନାଥ କୁମାର ଭୋଳ କହିଛନ୍ତି। ବ୍ଲକର ଅନେକ ଶ୍ରମିକ ଦେଶ ବିଦେଶର ବିଭିନ୍ନ ଶିଳ୍ପ କାରଖାନାରେ କାର୍ଯ୍ୟ କରୁଛନ୍ତି। ବହୁ ସମୟରେ ଶ୍ରମିକଙ୍କ ଜୀବନ ଚାଲି ଯାଉଥିଲେ ମଧ ସେମାନଙ୍କ ମୃତଦେହ ଭିଟାମାଟିରେ ପହଞ୍ଚିବା ସମ୍ଭବ ହୋଇ ନ ଥାଏ। ଫଳରେ ଶ୍ରମିକମାନଙ୍କ ପରିବାର ଦୁଃଖରେ ଭାଙ୍ଗି ପଡ଼ିବା ସହ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥା'ନ୍ତି ବୋଲି ଅଭିଯୋଗ ହେଉଛି। ସେହିପରି ଗ୍ରାମାଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ କାମ ଧନ୍ଦା ଅଭାବରୁ ବାଧ ହୋଇ ଶ୍ରମିକମାନେ ଦେଶ ବିଦେଶ ଯାଉଥିବା ଅଭିଯୋଗ ହେଉଛି। ଏଠି ଶ୍ରମିକମାନଙ୍କ କାମ ମେଶିନ ମୁଣ୍ଡାଉଛି ବୋଲି ବୁଦ୍ଧିଜୀବୀ ସୁବାସ ସ୍ୱାଇଁ କହିଛନ୍ତି।



ମହାକାଳପଡ଼ା ବ୍ଲକରେ ମହିଳା ଶ୍ରମିକମାନେ ଟାଣଖରାରେ ରାସ୍ତା ନିର୍ମାଣ କାମ କରୁଛନ୍ତି।

## ବଟି ନ ଦେବାରୁ ମରଣାନ୍ତକ ଆକ୍ରମଣ

ନାଉଗାଁ,୩୦।୪(ସ୍ୱ.ପ୍ର.)

ନାଉଗାଁ ଥାନା ଅନ୍ତର୍ଗତ ଗଜରାଜପୁର ଗ୍ରାମର ହେମନ୍ତ କୁମାର ସାମଲ ବଟି ନ ଦେବାରୁ ତାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି ବୋଲି ଶନିବାର ଲିଖିତ ଅଭିଯୋଗ କରାଯାଇଛି। ହେମନ୍ତଙ୍କ ଅଭିଯୋଗ ମୁତାବକ, ସନ୍ଧ୍ୟା ସମୟରେ ସେ ଟ୍ରକ (ନଂ.ଓଡି ୨୧ ଏଲ୍ ୭୯୭୭)ରେ ରୋହିଆ ଗ୍ରାମ ଦେଇ ଆସୁଥିଲେ। ଏହି ସମୟରେ ପିଙ୍କୁଆ ମହାନ୍ତି ଓ ମାଗା ମହାନ୍ତି ଗାଡ଼ିକୁ ଅଟକାଇ ବଟି ମାଗିଥିଲେ। ହେମନ୍ତ ନ ଦେବାରୁ ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିଲେ। ଏପରିକି ଅଭିଯୁକ୍ତମାନେ ତାଙ୍କ ପକେଟରୁ ୪ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ହେମନ୍ତ ବିରୋଧ କରିବାରୁ ସେମାନେ ରାସ୍ତା ଉପରେ ପଡ଼ିଥିବା ଏକ ପଥର ଆଣି ତାଙ୍କ ପଛମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ଥାନା ପକ୍ଷରୁ ମାମଲା (ନଂ.୧୦୮/୨୩ ) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଅନିରୁଦ୍ଧ ନାୟକ ପ୍ରକାଶ କରିଛନ୍ତି।

# ଖଣିଜ ସମ୍ପଦ ଲୁଟ୍ କରି ବିଜେଡିର ପତିଆରା ଜାହିର

**ରାଜକନିକାରେ କଂଗ୍ରେସର ଜନ ସଂକଳ୍ପ ସମାବେଶ**

ରାଜକନିକା,୩୦।୪(ଡି.ଏନ୍.ଏ.):

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ କୋରନ୍ଦ ପଞ୍ଚାୟତ ନହୁଲିଆ ପଡ଼ିଆରେ ରବିବାର କଂଗ୍ରେସର ଜନ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲା ଶେଷସୀମା ରାଜକନିକାରୁ ଆରମ୍ଭ ହୋଇଥିବା ଏହି ସମାବେଶରେ ସାମିଲ ହୋଇଥିଲେ ରାଜ୍ୟର ହେଭିୱେଟ୍ ନେତା। ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ତଥା ପୂର୍ବତନ ଶାସନ ସଚିବ ବିଜୟ ପଟ୍ଟନାୟକ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ପିସିସି ଉପସଭାପତି ଗଣେଶ୍ୱର ବେହେରା, କଂଗ୍ରେସ ମୁଖପାତ୍ର ଅମିୟ ପାଣ୍ଡବ, ଜିଲା କଂଗ୍ରେସ ସଭାପତି ଅଂଶୁମାନ୍ ମହାନ୍ତି, ଓଡ଼ିଶା ବାର କାଉନ୍‌ସିଲର ସଭାପତି ତଥା ବରିଷ୍ଠ ନେତା ଧରଣୀଧର ନାୟକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଓ ଦେଉଳତରା ସମିତିସଭ୍ୟ ବାବୁରାମ ଜେନା, ଆଳି ବ୍ଲକ କଂଗ୍ରେସ ସଭାପତି ରବି ନାରାୟଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଚାର କମିଟି ଅଧ୍ୟକ୍ଷ ପଟ୍ଟନାୟକ କହିଥିଲେ, ବିଜେଡି ଖଣିଜ ସମ୍ପଦ ଲୁଟ୍ କରି ପତିଆରା ଜାହିର କରୁଛି। ଜନସାଧାରଣ ଜାଣିବା ଆବଶ୍ୟକ ରାଜ୍ୟ ସରକାର ଗରିବ ଲୋକଙ୍କୁ ଯାହା ସୁବିଧା ସୁଯୋଗ ଦେଉଛନ୍ତି, ତାହା ଆମ ଖଣିଜ ସମ୍ପଦ ଲୁଟ୍‌ର ପଇସା। ରାଜ୍ୟର ପ୍ରତ୍ୟେକ ମୁଣ୍ଡ ପିଛା ଲକ୍ଷାଧିକ ଟଙ୍କାର ଋଣ ଭାର ସାଧାରଣ ଲୋକଙ୍କୁ ଭକୁଆ ବନେଇ ବହୁତ ଦେଉଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି। କେବଳ ସେତିକି ନୁହେଁ, ୨୩ ବର୍ଷ ପରେ କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପର ସ୍ୱପ୍ନ ଦେଖୁଥିବା ସରକାର କେବଳ ନିର୍ବାଚନରେ ଭୋଟ ହାତେଇବାର ଯୋଜନା ବୋଲି କହିଥିଲେ। ଜିଲାରେ ନିପନ କମ୍ପାନୀ ଦ୍ୱାରା ଶିଳ୍ପ ହେଲେ ଜିଲାବାସୀ କେବଳ ଧୂଆଁ ଖାଇବା ଛଡ଼ା ନିଯୁକ୍ତିର ସୁଯୋଗ ମିଳିବନାହିଁ। ଆହୁରି ମଧ କହିଥିଲେ, ଏତେବର୍ଷ ଭିତରେ ଆଳିର ଏକମାଣିଆଠାରେ ଶୁଭ ଦିଆଯିବାର ୭ବର୍ଷ ପରେ ମଧ ସେଠାରେ ସେତୁ ନିର୍ମାଣ ହୋଇପାରିଲା ନାହିଁ, ଯେଉଁଥିପାଇଁ ୨ଟି ଜୀବନ ଝଡ଼ିଗଲା। ତେବେ ରାଜ୍ୟର ପ୍ରତ୍ୟେକ ଜିଲାରେ ଏଭଳି ସମାବେଶ ହେଲେ କଂଗ୍ରେସ ଶାସନ ଗାଦିକୁ ଫେରିବ। ସେହିପରି ଜିଲା କଂଗ୍ରେସ ସଭାପତି ମହାନ୍ତି କହିଥିଲେ, ନିପନ କମ୍ପାନୀକୁ ସରକାର ଆଣିବାକୁ ଚାହୁଁଥିବା ବେଳେ ଏଯାଏ ଜମି ଅଧିଗ୍ରହଣ କାର୍ଯ୍ୟ ସାରିପାରିନାହିଁ। ଏକମାଣିଆଠାରେ ଡଙ୍ଗାବୁଡ଼ି ଘଟଣାକୁ ନେଇ ପୂର୍ବତନ ବିଧାୟକ ଶର୍ମା ମନ୍ତ୍ରୀ ପ୍ରତାପ ଦେବଙ୍କୁ ସମାଲୋଚନା କରିଥିଲେ। ୫-ଟି ସଚିବଙ୍କ ଆଗରେ ମନ୍ତ୍ରୀ ଦେବ ଫେଲ ମାରିଛନ୍ତି ବୋଲି କହିଥିଲେ। ଏହି ସମାବେଶ ଆଗକୁ ଶୁଭ ସଂକେତ ଦେଉଛି ବୋଲି ପିସିସି ଉପସଭାପତି ବେହେରା ଗଣେଶ୍ୱର କହିଥିଲେ। ସମାବେଶରେ ଉପସ୍ଥିତ ଜନସାଧାରଣଙ୍କ ଭିଡ଼ ହିଁ ଆଗାମୀ ୨୦୨୪ ନିର୍ବାଚନ ବୈତରଣୀ ପାରକରାଇ ଦେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉପସ୍ଥିତ ସମାଗମକୁ ଦେଖି ବ୍ଲକସ୍ତରୀୟ ନେତାଠାରୁ ପଞ୍ଚାୟତସ୍ତରୀୟ ନେତା ଖୁସିବ୍ୟକ୍ତ କରିଥିଲେ। ଯୁବନେତା ସତ୍ୟବ୍ରତ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୋରନ୍ଦ ପଞ୍ଚାୟତର ଯୁବ ନେତା ରଞ୍ଜନ ସେଠୀ ଧନ୍ୟବାଦ ଦେଇଥିଲେ। ଏଥିରେ ଶତାଧିକ କର୍ମୀ ଅନ୍ୟ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ।




ସମାବେଶରେ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଓ ଅନ୍ୟ ନେତାମାନେ।

## ପୂର୍ଣ୍ଣାହୁତିରେ ୫୦ ହଜାର ଭକ୍ତଙ୍କ ସମାଗମ

**ଗୋରେଖନାଥ ପୀଠ ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ**

ରଘୁନାଥପୁର,୩୦।୪(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଅଷ୍ଟଦିନ ବ୍ୟାପୀ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟପ୍ରହର ନାମଯଜ୍ଞ ରବିବାର ସମ୍ପନ୍ନ ହୋଇଯାଇଛି। ପୂର୍ଣ୍ଣାହୁତି ଅବସରରେ ପୀଠକୁ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ବଡ଼ିଭୋରୁ ପ୍ରଭୁଙ୍କ ନୀତିକାନ୍ତି ପରେ ପୀଠକୁ ଯାତ୍ରୀଙ୍କ ସୁଅ ଛୁଟିଥିଲା। ପୀଠ ପରିସରରେ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ପରଠୁ ଗହଳି ବୃଦ୍ଧି ପାଇଥିଲା। ହରିହାଟ ମଉଛବରେ ଭକ୍ତମାନେ ନିମଗ୍ନ ହୋଇଥିଲେ। ନେମାଳରୁ ଆସିଥିବା ପଣ୍ଡିତ ନିଗମାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ୯ ଜଣ ବ୍ରାହ୍ମଣ ଯଜ୍ଞକାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଏହି ଉତ୍ସବ ଅବସରରେ ପ୍ରତ୍ୟେକ ଦିନ ଗୋରେଖନାଥଙ୍କୁ ଏକ ହଜାର ଆହୁତିପ୍ରଦାନ କରାଯିବା ସହ ମୋଟ ୨୫ ହଜାର ଆହୁତି ପ୍ରଦାନ କରାଯାଇଛି ବୋଲି ପଣ୍ଡିତ ମହାପାତ୍ର କହିଛନ୍ତି। ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ଶୌର୍ଯ୍ୟରଞ୍ଜନ ପରିଜା କାର୍ଯ୍ୟ ତଦାରଖ କରିଥିଲେ। କମିଟି ସଦସ୍ୟ ଜୀବନବଲ୍ଲଭ ମହାନ୍ତି, ପ୍ରମୋଦ କୁମାର ମହାନ୍ତି, ପ୍ରଦୀପ୍ତ ମହାନ୍ତି, ଦିଲୀପ ସ୍ୱାଇଁ, ଗଗନ ଜେନା, ରମେଶ ମହାନ୍ତି, ଉପଦେଷ୍ଟା ସୁଶାନ୍ତ କୁମାର ଦାଶ ଓ ସରୋଜ ସାହାଣୀ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲା। ପୂଜକ ଦିଲୀପ କୁମାର ପଣ୍ଡା, ନିରଞ୍ଜନ ଦାଶ, ଗୋଲେଖ ବିହାରୀ ଦାଶ, ବୀରକିଶୋର ଦାଶ, ପ୍ରମୁଖ ଠାକୁରଙ୍କ କାର୍ଯ୍ୟରେ ନିୟୋଜିତ ଥିଲେ। ଅପରପକ୍ଷେ ମିନାବଜାର ପଡ଼ିଆ ରଥଯାତ୍ରାର ଭ୍ରମ ସୃଷ୍ଟି କରିଥିଲା। ଲୋକେ ଯଜ୍ଞ ଦେଖିବାକୁ ଆସି ମିନାବଜାରରୁ ଜିନିଷ ପତ୍ର କିଣିବା ପାଇଁ ଭିଡ଼ ଜମାଇଥିଲେ। ଏନେଇ ବ୍ୟାପକ ପୋଲିସ ବ୍ୟବସ୍ଥା, ଫାଷ୍ଟ ଏଡ୍ ସୁବିଧା, ପର୍ଯ୍ୟାପ୍ତ ପାନୀୟ ଜଳ ଓ ଆଲୋକୀକରଣର ବନ୍ଦୋବସ୍ତ କରାଯାଇଥିଲା।



ଗୋରେଖନାଥ ପୀଠରେ ଭକ୍ତଙ୍କ ଭିଡ଼।

# ଅଭିଯୋଗ ପରେ ହମ୍ପସ ହଟାଇବାକୁ ତତ୍ପର

**ପୋଲିସର ସହଯୋଗ ଲୋଡ଼ିଲା ପୂର୍ତ୍ତ ବିଭାଗ**

ଚଣ୍ଡିଖୋଲ,୩୦।୪(ଡି.ଏନ୍.ଏ.):

ବଡ଼ଚଣା-ଦର୍ପଣ ପୂର୍ତ୍ତ ବିଭାଗ ରାସ୍ତାର ଚଣ୍ଡିଖୋଲ ଡାକବଙ୍ଗଳାଠାରୁ ମହାବିନାୟକ ମନ୍ଦିର ପର୍ଯ୍ୟନ୍ତ ମାତ୍ର ୨ କିଲୋମିଟର ରାସ୍ତାରେ ବଡ଼ବଡ଼ ହମ୍ପସ ନିର୍ମାଣ କରାଯାଇଛି। ଏହାକୁ ନେଇ ଶନିବାର ଆଇନଜୀବୀମାନେ ବଡ଼ଚଣା ଥାନାରେ ଅଭିଯୋଗ କରିବା ପରେ ପୂର୍ତ୍ତ ବିଭାଗ ହମ୍ପସ ହଟାଇବାକୁ ତତ୍ପର ହୋଇଉଠିଛି। ଏଥିପାଇଁ ବିଭାଗ ପକ୍ଷରୁ ସ୍ଥାନୀୟ ପୋଲିସର ସହଯୋଗ ଲୋଡ଼ାଯାଇଛି। ବଡ଼ଚଣା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସ୍ନିଗ୍ଧା ଦାସ ୨୯।୦୪।୨୦୨୩ରେ ଚିଠି ନଂ.୩୪୮ରେ ବଡ଼ଚଣା ଥାନା ଅଧିକାରୀଙ୍କୁ ଚିଠି ଲେଖି ସହଯୋଗ ଲୋଡ଼ିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି କି ସ୍ଥାନୀୟ ଲୋକେ ଜୋର ଜବରଦସ୍ତ ବଡ଼ଚଣା-ଦର୍ପଣ ପୂର୍ତ୍ତ ବିଭାଗ ରାସ୍ତାରେ ହମ୍ପସ ନିର୍ମାଣ କରିଛନ୍ତି। ଏଥିନେଇ ପୂର୍ବରୁ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ହମ୍ପସ ଉଠାଇବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶ ମୁତାବକ ଚଣ୍ଡିଖୋଲ ଡାକବଙ୍ଗଳାଠାରୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପର୍ଯ୍ୟନ୍ତ ନିର୍ମାଣ କରାଯାଇଥିବା ହମ୍ପସ ଗୁଡ଼ିକୁ ଭଙ୍ଗାଯିବ। ଏହି ସମୟରେ କାଳେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ସେଥିନେଇ ପୋଲିସ ଉପସ୍ଥିତ ରହି ଏହାକୁ କାର୍ଯ୍ୟକାରୀ କରିବାକୁ ନିର୍ବାହୀ ଯନ୍ତ୍ରୀ ଅନୁରୋଧ କରିଛନ୍ତି।

ଶନିବାର ଚଣ୍ଡିଖୋଲ କୋର୍ଟର ଆଇନଜୀବୀ ଉଦୟନାଥ ସାହୁ ପୂର୍ତ୍ତ ବିଭାଗ ରାସ୍ତାରେ ବେଆଇନ ହମ୍ପସ ନିର୍ମାଣ ନେଇ ବଡ଼ଚଣା ଥାନାରେ ଅଭିଯୋଗ କରିଥିଲେ। ସେ ଅଭିଯୋଗରେ ଦର୍ଶାଇଥିଲେ ଯେ, ବାରମ୍ବାର କହିବା ସତ୍ତ୍ୱେ ପୂର୍ତ୍ତ ବିଭାଗ ରାସ୍ତାରୁ ହମ୍ପସ ଉଠାଉନାହିଁ, ଯଦ୍ୱାରା ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟିଚାଲିଛି। ଏଥିସହିତ ଅନ୍ୟ ଆଇନଜୀବୀମାନେ ମଧ ତୁରନ୍ତ ହମ୍ପସ ଉଠାଇବାକୁ ଦାବି କରିଥିଲେ। ଏନେଇ ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରଦୀପ କୁମାର କାନୁନ୍‌ଗୋଙ୍କୁ ପଚାରିବାରେ ସେ ସହାୟତା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ବ୍ୟାସନଗର ତହସିଲରେ ପୌର ପରିଷଦର ଗାଡ଼ି ପାର୍କିଂ



ତହସିଲ କାର୍ଯ୍ୟାଳୟ ପରିସରରେ ଗାଡ଼ି ପାର୍କିଂ କରାଯାଇଛି।

- ଅସୁବିଧା ଭୋଗୁଛନ୍ତି ଜନସାଧାରଣ
- ଜିଲାପାଳ ଦୃଷ୍ଟିଦେବାକୁ ଦାବି

ଯାଜପୁର ରୋଡ୍,୩୦।୪(ଡି.ଏନ.ଏ.):

ବ୍ୟାସନଗର ତହସିଲ କାର୍ଯ୍ୟାଳୟ ପରିସର ପାଲଟିଛି ପୌର ପରିଷଦର ଗାଡ଼ି ପାର୍କିଂ ସ୍ଥଳ। ଦୀର୍ଘଦିନ ଧରି ବେଆଇନ ଭାବେ ପୌର ପରିଷଦର ବିଭିନ୍ନ ଯାନବାହନ ତହସିଲ କାର୍ଯ୍ୟାଳୟ ପରିସରରେ ପାର୍କିଂ କରାଯାଉଛି। ଫଳରେ ତହସିଲ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବାସହ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସଫେଇ ଓ ସେସପୁଲ ଗାଡ଼ିଗୁଡିକ ରଖିବା ଦ୍ୱାରା ସେଥିରୁ ଦୁର୍ଗନ୍ଧ ବାହାରି ପରିବେଶକୁ ପ୍ରଦୂଷିତ କରୁଛି। କେତେକ ଅଚଳ ଗାଡ଼ି ମଧ ଉକ୍ତ ପରିସରରେ ଓ ପ୍ରବେଶ ଦ୍ୱାରରେ ବହୁଦିନ ହେବ ପଡ଼ିରହିବା ଦ୍ୱାରା ତହସିଲ ପ୍ରବେଶ ଦ୍ୱାର ସଂକୁଚିତ ହୋଇଛି। ପୌରାଧକ୍ଷାଙ୍କ ଗାଡ଼ି ମଧ ଏହି ପରିସରରେ ପାର୍କିଂ କରାଯାଉଛି। ଏସବୁକୁ ତହସିଲଦାର ଦେଖି ନୀରବ ରହୁଛନ୍ତି। ଅନ୍ୟପକ୍ଷରେ ତହସିଲ କାର୍ଯ୍ୟାଳୟର ପୁରୁଣା ଘରଗୁଡ଼ିକ ଅସୁରକ୍ଷିତ ଅବସ୍ଥାରେ ରହିଛି। ଫଳରେ ସେଠାରେ ଗୁଳ୍ମ ଗଛଲତା ପରିପୂର୍ଣ୍ଣ ହୋଇଛି। ଏହାସହ ଉକ୍ତ ଘର ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ହେଲେ ତାହାକୁ ଭଙ୍ଗାଯାଉନାହିଁ। ଏସବୁକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ଯାଜପୁର ଜିଲାପାଳ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

### ସେମାନେ ଯାହା କୁହନ୍ତି...

**କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ ସୁଫଳ ମିଳୁନାହିଁ**



୧୯୬୧ରେ ଯାଜପୁରରୋଡ୍ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ହୋଇଥିଲା। ପରେ ୧୯୯୩ରେ ପୌର ପରିଷଦରେ ପରିଣତ ହୋଇଛି। ହେଲେ ଅଦ୍ୟାବଧି ପୌର କାର୍ଯ୍ୟାଳୟଟି ରେଳବାଇ ଜାଗାରେ ଅଛି, ଯାହା ବଡ଼ ଦୁଃଖ ଓ ପରିତାପର ବିଷୟ। ଉକ୍ତ କାର୍ଯ୍ୟାଳୟ ପରିସରରେ ପାର୍କିଂ ସ୍ଥାନ ଅଭାବରୁ ବିଗତ କିଛି ବର୍ଷ ହେବ ପୌର ପରିଷଦ ଗାଡ଼ିଗୁଡିକ ତହସିଲ ପରିସରରେ ମନଇଚ୍ଛା ପାର୍କିଂ କରାଯାଉଛି। ଏ ସମ୍ପର୍କରେ ବହୁବାର ତହସିଲଦାର ଓ ପୌର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ କିଛି ସୁଫଳ ମିଳୁନାହିଁ।

-ରବୀନ୍ଦ୍ର କୁମାର ରାଉତ, ଆଇନଜୀବୀ

**ଜନସାଧାରଣଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି**



କରୋନା ପୂର୍ବରୁ ପୌର ପରିଷଦ ଗାଡ଼ିଗୁଡିକ ତହସିଲ କାର୍ଯ୍ୟାଳୟ ମଧରେ ଅବାଧ ପାର୍କିଂ କରାଯାଉଛି। ପରିଷଦର ପାଇଖାନା ଟାଙ୍କି ସଫା କରୁଥିବା ଗାଡ଼ିଠାରୁ ଆରମ୍ଭ କରି ପୌରାଧକ୍ଷାଙ୍କ ପର୍ଯ୍ୟନ୍ତ ସବୁଗାଡ଼ି ଏଠାରେ ରଖାଯାଉଛି। ଫଳରେ ଖରାଦିନେ ଗାଡ଼ିଗୁଡ଼ିକ ଯିବାଆସିବା ଦ୍ୱାରା ଧୂଳି ଉଡ଼ିବା ସହ ଦୁର୍ଗନ୍ଧ ସୃଷ୍ଟି ହେଉଛି। ଏହାଦ୍ୱାରା ତହସିଲ ଅଫିସ ଆସୁଥିବା ଜନସାଧାରଣଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏ ସମ୍ପର୍କରେ ଅଭିଯୋଗ କଲେ ମଧ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ପରିସ୍ଥିତି ଯଥା ପୂର୍ବଂ ତଥା ପରମ୍ ରହିଛି।

-ନବକିଶୋର ସାହୁ, କାର୍ଯ୍ୟକାରୀ ସଭାପତି
କଳିଙ୍ଗନଗର ବାର୍ ଆସୋସିଏଶନ

**ତହସିଲ ଅଫିସକୁ ଆସୁଥିବା ଲୋକେ ବାହାରେ ଗାଡ଼ି ରଖୁଛନ୍ତି**

ପୂର୍ବ ଅପେକ୍ଷା ବର୍ତ୍ତମାନ ତହସିଲ କାର୍ଯ୍ୟାଳୟ ପରିସର ସଫାସୁତରା ରହୁଛି। ହେଲେ ୨ ଓ ୪ ଚକିଆ ରଖିବାର କୌଣସି ସୁବିଧାନାହିଁ। କାରଣ ମ୍ୟୁନିସିପାଲିଟି ଗାଡ଼ିଗୁଡିକ ଅଧାରୁ ଅଧିକ ସ୍ଥାନ ମାଡ଼ିବସିଛନ୍ତି। ଫଳରେ ତହସିଲ କାର୍ଯ୍ୟରେ ଆସୁଥିବା ଲୋକେ ଚୋରି ଭୟ ସତ୍ତ୍ୱେ ବାଧ ହୋଇ ବାହାରେ ଗାଡ଼ି ରଖି କାର୍ଯ୍ୟାଳୟକୁ ଯାଉଛନ୍ତି। ଯଦି ଗାଡ଼ି ଚୋରି ହୁଏ କିଏ ଦାୟୀ ରହିବେ ଜଣାପଡୁନାହିଁ।

-ଗୋବିନ୍ଦ ଚନ୍ଦ୍ର ସାହୁ, ସ୍ଥାନୀୟ ବାସିନ୍ଦା

**ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନିଆଯିବ**



ତହସିଲ ପରିସରରେ ପୌର ପରିଷଦର ଗାଡ଼ି ପାର୍କିଂ ନେଇ ବହୁ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୌର କର୍ତ୍ତୃପକ୍ଷଙ୍କୁ ମଧ ଅବଗତ କରାଯାଇଛି। ଯଦି ସେମାନେ ଏଥିରୁ ନିବୃତ୍ତ ନ ହୁଅନ୍ତି ତେବେ ଆଗକୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନିଆଯିବ।

-ଅଶୋକ କୁମାର ମାଝି, ତହସିଲଦାର, ବ୍ୟାସନଗର

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତଙ୍କ ଏମ୍‌କେସିଜିରେ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୩୦।୪:** ଏକ ସଡକ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କର ଏମ୍‌କେସିଜି ମେଡିକାଲରେ ରବିବାର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ନବରଙ୍ଗପୁର ତେନ୍ତୁଳିଖୁଣ୍ଟିଆ ଥାନା ଅନ୍ତର୍ଗତ ବଗନାଗୁଡା ଗ୍ରାମର ଦୁର୍ଯ୍ୟୋଧନ ମାଝି(୩୨)। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ୨୨୮/୨୩ରେ ଏକ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା କହିଛି। ପ୍ରକାଶ ଯେ, ଗତ ୧୪ତାରିଖ ସକାଳେ ଦୁର୍ଯ୍ୟୋଧନ କୌଣସି କାମରେ ତାଙ୍କର ପୁଅ ପଢୁଥିବା ସ୍କୁଲକୁ ଯାଇଥିଲେ। ସେଠାରେ କାମ ସାରି ସେ ବାଇକ୍ (ନଂ ଓଡ଼ି ୧୦ ବି- ୮୧୪୪)ରେ ଘରକୁ ଫେରୁଥିଲା ବେଳେ ରାସ୍ତାରେ ଚିକିଲି ଛକରେ ସମ୍ମୁଖପଟୁ ଏକ ଟ୍ରକ୍ (ନଂ. ସିଜି - ୦୪ଜି - ୪୪୩୧) ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ଓ ପେଟରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକ ପ୍ରଥମେ ତାଙ୍କୁ ନବରଙ୍ଗପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ପରେ ସେଠାରୁ ଗତ ୨୧ ତାରିଖରେ ଏମ୍‌କେସିଜି ମେଡିକାଲକୁ ଆସିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି।

### ମଧୁମେହ, ଚକ୍ଷୁ ପରୀକ୍ଷା

କବିସୂର୍ଯ୍ୟନଗର,୩୦।୪(ଡି.ଏନ.ଏ): କବିସୂର୍ଯ୍ୟନଗର ପତଞ୍ଜଳି କେନ୍ଦ୍ର ପକ୍ଷରୁ ଗଣେଶ ମନ୍ଦିର ପରିସରରେ ମଧୁମେହ ଓ ଚକ୍ଷୁ ପରୀକ୍ଷା ଅନୁଷ୍ଠିତ ହୋଇଛି। ପତଞ୍ଜଳି କେନ୍ଦ୍ର ପ୍ରତିଷ୍ଠାତା କେ. ପୁରୁଷୋତ୍ତମଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ବହୁ ରୋଗୀ ମଧୁମେହ ଓ ଚକ୍ଷୁ ପରୀକ୍ଷା କରିଥିଲେ। ପରଳ ଚିକିତ୍ସା ଲାଗି ବସ୍ ଯୋଗେ ୨୦ରୁ ଅଧିକ ରୋଗୀଙ୍କୁ ଶଙ୍କର ଚକ୍ଷୁ ଚିକିତ୍ସାଳକୁ ପଠାଯାଇଥିଲା ।

### ଘରେ ପଶି ମା, ଝିଅଙ୍କୁ ହତ୍ୟା ଉଦ୍ୟମ, ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୩୦।୪:** ଜଣେ ମହିଳାଙ୍କ ଘରେ ପଶି ତାଙ୍କୁ ଓ ତାଙ୍କ ଝିଅଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗରେ ବ୍ରହ୍ମପୁର ବଡବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଉଛନ୍ତି ଫାଷ୍ଟଗେଟ ଝିଲିମିଲି ନଗରର ପିଣ୍ଟୁ ଦାସ(୨୮)। ପୋଲିସ ତାଙ୍କ ନିକଟରୁ ଘଟଣା ବେଳେ ବ୍ୟବହୃତ ଛୁରି ଜବତ କରିଛି। ମାମଲା ନମ୍ବର ୧୩୩/୨୩ରେ ପିଣ୍ଟୁଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ,ଗତ ୨୮ ତାରିଖ ବିଳମ୍ବିତ ରାତିରେ ପିଣ୍ଟୁ ଜଣେ ମହିଳାଙ୍କ ଘର ଭିତରେ ପଶିଥିଲେ। ଶୋଇଥିବା ଜଣେ ଯୁବତୀଙ୍କୁ ପିଣ୍ଟୁ ସେଠାରେ ଅସଦାଚରଣ କରିବାରୁ ଯୁବତୀ ଜଣକ ଏହାର ପ୍ରତିବାଦ କରିଥିଲେ। ପିଣ୍ଟୁ ସମ୍ପୃକ୍ତ ଯୁବତୀଙ୍କୁ ସେଠାରେ ମାଡ଼ ମାରି ରକ୍ତାକ୍ତ କରିଦେଇଥିଲେ। ତାଙ୍କ ଚିତ୍କାର ଶୁଣି ଘର ଭିତରେ ଥିବା ତାଙ୍କ ମା' ଉଠିଥିଲେ। ପିଣ୍ଟୁ ଧରିଥିବା ଏକ ଛୁରି ବାହାର କରି ମହିଳାଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ।

# ଚିକିତ୍ସାରେ ଅବହେଳାରୁ ବୃଦ୍ଧାଙ୍କ ମୃତ୍ୟୁ ଅଭିଯୋଗ

ନୟାଗଡ଼ ଅଫିସ, ୩୦।୪

■ଜିଲା ମୁଖ୍ୟ ଚିକିତ୍ସାଳୟରେ ଚାପା ଉତ୍ତେଜନା
■ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ନୟାଗଡ଼ ବ୍ଲକ ଜୟପୁର ଗାଁର ମଞ୍ଜୁ ମହାରଣା(୬୦) ନାମକ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ଏହାକୁ ନେଇ ରବିବାର ପୂର୍ବାହ୍ନରେ ଉତ୍ତେଜନା ପ୍ରକାଶ ପାଇଥିଲା । ଚିକିତ୍ସାରେ ଅବହେଳା ଯୋଗୁ ଏପରି ଘଟିଲା ବୋଲି ମଞ୍ଜୁଙ୍କ ପରିବାର ଓ ଆତ୍ମୀୟ ଲୋକେ ପାଟିତୁଣ୍ଡ କରିଥିଲେ । ଝାଡ଼ା,ବାନ୍ତି ଓ ଜ୍ୱରରେ ଆକ୍ରାନ୍ତ ହୋଇ ଡାକ୍ତରଖାନାକୁ ଆସିଥିଲେ ମଞ୍ଜୁ । ଚିକିତ୍ସାରେ ଅବହେଳା ଅଭିଯୋଗ ଆସିଲା ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ପୁଅ ପୂର୍ଣ୍ଣ ମହାରଣା କୁହନ୍ତି, ମା ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ହେଲେ ନର୍ସ ଓ ଡାକ୍ତରଙ୍କ ସେବା ଦେବାରେ ଅବହେଳା କରିବାରୁ ରବିବାର ବଞ୍ଚିବା ଲୋକ ମରିଗଲେ । ଯେଉଁମାନେ ଚିକିତ୍ସାରେ ଅବହେଳା କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଭାଇ ଅଙ୍କୁର ମହାରଣାଙ୍କ ଅଭିଯୋଗ ଅନୁସାରେ ଭଉଣୀଙ୍କୁ ଚିକିତ୍ସାରେ ଅବହେଳା କରାଯିବାରୁ ରବିବାର ପ୍ରାଣ ହରାଇଲେ । ଏହାର ତଦନ୍ତ ହେବା ଦରକାର । ଟାଉନ ଥାନାର ତଦନ୍ତକାରୀ ଅଧିକାରୀ ଧର୍ମେନ୍ଦ୍ର ସିଆଳ କୁହନ୍ତି, ପରିବାର ପକ୍ଷରୁ ମୃତଦେହ ବ୍ୟବଚ୍ଛେଦ କରିବାକୁ ମନା କରାଯାଇଥିଲା । ଏହାପରେ ତାଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି । ସିଡିଏମ୍‌ଓ ମକରନ୍ଦ ବେଉରା କୁହନ୍ତି, ଚିକିତ୍ସାରେ ଅବହେଳା ଅଭିଯୋଗ ଆସିବା ପରେ ତଦନ୍ତ ଆରମ୍ଭ ହୋଇଛି । ରବିବାର ଦାୟିତ୍ୱରେ ଥିବା ସୁପରିଟେଣ୍ଡେଣ୍ଟ ପ୍ରାଥମିକ ରିପୋର୍ଟ ଦେଇଛନ୍ତି । ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ତଦନ୍ତ କରି ରିପୋର୍ଟ ଦେବେ । ରିପୋର୍ଟ ହସ୍ତଗତ ପରେ ପରବର୍ତ୍ତୀ ରିପୋର୍ଟ ଦିଆଯିବ । ସାମାଜିକ କର୍ମୀ ସନ୍ତୋଷ ପ୍ରଧାନ କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ସମୟରେ ଏପରି ଘଟଣା ଯୋଗୁ ରୋଗୀ ପ୍ରାଣ ହରାଉଛନ୍ତି । ଏଣୁ ଅଭିଯୋଗକୁ ଅଣଦେଖା ନ କରି ସଠିକ୍ ଭାବେ ତଦନ୍ତ ହେବା ଦରକାର ।

# ନୀଳମାଧବଙ୍କ ଚନ୍ଦନ ପୁଷ୍କରିଣୀରୁ ମିଳିଲା ପୁରାତନ ଚକ୍ର

ଖଣ୍ଡପଡ଼ା,୩୦।୪(ସ୍ୱ.ପ୍ର.)



କଣ୍ଟିଲୋ ଶ୍ରୀ ନୀଳମାଧବଙ୍କ ଚନ୍ଦନ ପୁଷ୍କରିଣୀରୁ ରବିବାର ଶହେ ବର୍ଷର ପୁରାତନ ମଣିଖମ୍ବର ଚକ୍ର ଉଦ୍ଧାର କରାଯାଇଛି । ଚନ୍ଦନ ପୋଖରୀର ନବୀକରଣ କାମ ଚାଲିଛି । ରବିବାର ଅପରାହ୍ନରେ ପୁଷ୍କରିଣୀ ପାର୍ଶ୍ୱରେ ବାସ କରୁଥିବା ହାଟମୁଣ୍ଡ ପାଟଣା ଗ୍ରାମର ଜଣେ କଂସା ପିତଳ କାରିଗର ପ୍ରଦୀପ କୁମାର ମହାପାତ୍ର କୌଣସି କାମରେ ପୁଷ୍କରିଣୀକୁ ଯାଇଥିଲେ। ସେଠାରେ ପଙ୍କରେ ପୋତି ହୋଇ ରହିଥିବା ଚକ୍ରର କିଛି ଅଂଶ ଦେଖିବାକୁ ପାଇଥିଲେ । କୌତୁହଳ ବଶତଃ ସେ ଉକ୍ତ ଚକ୍ରକୁ ବାହାର କରିଥିଲେ । ଏହାପରେ ଉକ୍ତ ଚକ୍ର ସହ ଦଧିନଉତିକୁ ଉଦ୍ଧାର କରିଥିଲେ। ଚକ୍ରଟିକୁ ସଫା କରିବା ପରେ ତାହା ଅଷ୍ଟଧାତୁରେ ନିର୍ମିତ ହୋଇଥିବା ମହାପାତ୍ର ସୂଚନା ଦେଇଥିଲେ । ପରେ ସେ ନୀଳମାଧବ ପୂଜକ ସମାଜର ସଭାପତି ସଚ୍ଚିଦାନନ୍ଦ ମିଶ୍ର, ସମ୍ପାଦକ ନୀଳମାଧବ ମିଶ୍ରଙ୍କୁ ଅବଗତ କରିବା ସହ ନୀଳମାଧବ ମନ୍ଦିର ଦେବୋତ୍ତର ମ୍ୟାନେଜର ହରିହର ଦାଶଙ୍କୁ ଅବଗତ କରାଇଥିଲେ । ଉକ୍ତ ଚକ୍ରକୁ ଦେଖିବାକୁ ଭିଡ଼ ଲାଗି ରହିଥିଲା । ଉଦ୍ଧାର ପରେ ଉକ୍ତ ଚକ୍ରକୁ ସନ୍ଧ୍ୟାରେ ପୋଖରୀ ପାର୍ଶ୍ୱ ନୀଳମାଧବ ଜୀଉଙ୍କ ଚନ୍ଦନ ଚକଡା (ଚାପ ମନ୍ଦିର)ରେ ରଖାଯାଇଛି । ସୂଚନାଯୋଗ୍ୟ ଉକ୍ତ ଚକ୍ର ୧୯୬୫ରେ ଭାଙ୍ଗି ପୋଖରୀରେ ପଡ଼ିଥିଲା ।

# ବିକାଶ ପ୍ରକଳ୍ପରେ ମଣିଖମ୍ବ, ଶୌଚାଳୟ ନିର୍ମାଣ ଦାବି



ଚନ୍ଦନ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି ।

ଖଣ୍ଡପଡ଼ା,୩୦।୪(ସ୍ୱ.ପ୍ର.)

ଶ୍ରୀ ନୀଳମାଧବ ପୀଠର ବିକାଶ ପାଇଁ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି । ଇତିମଧ୍ୟରେ ଠାକୁରଙ୍କ ଚନ୍ଦନ ପୋଖରୀର ପୁନରୁଦ୍ଧାର ଚାଲିଛି । ତେବେ ପୁଷ୍କରିଣୀର ମଧ୍ୟ ଭାଗରେ ଥିବା ଏକ ଅନ୍ନ ଖମ୍ବ(ମଣିଖମ୍ବ) ଦୀର୍ଘବର୍ଷ ପୂର୍ବରୁ ଭାଙ୍ଗି ଯାଇଥିଲା । ଠାକୁରଙ୍କ ଚନ୍ଦନ ଯାତ୍ରା ଓ କାଳୀୟଦଳନ ନୀତି ବେଳେ ଉକ୍ତ ପୁଷ୍କରିଣୀର ମଧ୍ୟ ଭାଗରେ ଏକ ବାଉଁଶ ପୋତା ଯାଉଥିଲା । ସେହି ବାଉଁଶକୁ ମଣିଖମ୍ବ ଭାବେ ବିବେଚନା କରାଯାଉଥିଲା । ସମ୍ପ୍ରତି ଚନ୍ଦନ ପୁଷ୍କରଣୀ ପୁନରୁଦ୍ଧାର କାର୍ଯ୍ୟ ଚାଲୁଛି । ଏହି ଅବସରରେ ସେଠାରେ ସ୍ଥାୟୀ ମଣିଖମ୍ବ ନିର୍ମାଣ କରିବାକୁ ନୀଳମାଧବ ପୂଜକ ସମାଜ ପକ୍ଷରୁ ଦାବି କରାଯାଇଛି । ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବିଭିନ୍ନସ୍ତରରୁ ମଣିଖମ୍ବ ନିର୍ମାଣ ପାଇଁ ପ୍ରଶାସନକୁ ଅବଗତ କରାଯାଇଛି । ଏ ନେଇ କାର୍ଯ୍ୟ ସମ୍ପାଦନ କରୁଥିବା ଓଡ଼ିଶା ସେତୁ ନିର୍ମାଣ ନିଗମ(ଓବିସିସି) ପ୍ରମୁଖ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି । ଅନ୍ୟପକ୍ଷେ କଣ୍ଟିଲୋ କଂସା ପିତଳ ବାସନ ଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିଛି । ଶ୍ରୀ ନୀଳମାଧବଙ୍କ ଦର୍ଶନ ପାଇଁ ଏହି କ୍ଷେତ୍ରକୁ ପ୍ରତ୍ୟେହ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ସୁଲଭ ଶୌଚାଳୟ ନ ଥିବାରୁ ସମସ୍ୟା ସୃଷ୍ଟି ହୋଇଥାଏ । ଏଣୁ ପର୍ଯ୍ୟଟକମାନଙ୍କ ସୁବିଧା ଦୃଷ୍ଟିରୁ ବିଶ୍ରମାଗାର ସହ ଶୌଚାଳୟ ନିର୍ମାଣ କରିବା ପାଇଁ ପୂଜକ ସମାଜ ପକ୍ଷରୁ ସଭାପତି ସଚ୍ଚିଦାନନ୍ଦ ମିଶ୍ର ଓ ସମ୍ପାଦକ ନୀଳମାଧବ ମିଶ୍ର ସେତୁ ନିର୍ମାଣ ନିଗମ କର୍ତ୍ତୃପକ୍ଷଙ୍କ ସମେତ ନୟାଗଡ଼ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି ।

## ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଲେ ଡାକ୍ତରୀ ଛାତ୍ରଙ୍କୁ ଆକ୍ରମଣ

ବ୍ରହ୍ମପୁର ଅଫିସ,୩୦।୪

ବ୍ରହ୍ମପୁର ବଡ ମେଡିକାଲରେ ଶନିବାର ବିଳମ୍ବିତ ରାତିରେ ଜଣେ ଡାକ୍ତରୀ ଛାତ୍ରଙ୍କୁ ଆକ୍ରମଣ ହୋଇଛି। ଏହି ଘଟଣାକୁ ନେଇ ଡାକ୍ତରୀ ଛାତ୍ରଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା। ଛାତ୍ରମାନେ ଅଭିଯୁକ୍ତ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ସୂଚନା ଅନୁସାରେ, ଏମ୍‌କେସିଜି ଡାକ୍ତରୀ ଛାତ୍ର ଆଶିଷ ପ୍ରଧାନ ଶନିବାର ରାତି ପ୍ରାୟ ସାଢ଼େ ୧ଟାରେ ସେ ରହୁଥିବା ହଷ୍ଟେଲକୁ ଯାଉଥିଲେ। ଏହି ସମୟରେ ଦୁଇଟି ବାଇକ୍‌ରେ ୩ଜଣ ଯୁବକ ତାଙ୍କ ନିକଟକୁ ଯାଇ କମେଣ୍ଟ କରିଥିଲେ। ଆଶିଷ ଏହାର ପ୍ରତିବାଦ କରିବାରୁ ସେହି ଯୁବକମାନେ ତାଙ୍କୁ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣାର ଖବର ପାଇ ସେଠାରେ ଶତାଧିକ ଡାକ୍ତରୀ ଛାତ୍ର ରୁଣ୍ଡ ହୋଇ ଅଭିଯୁକ୍ତଙ୍କୁ ଘେରି ଯାଇଥିଲେ। ଦୁଇଜଣ ସେଠାରୁ ଚମ୍ପଟ ମାରିଥିବା ବେଳେ ଛାତ୍ରମାନେ ଜଣକୁ କାବୁ କରି ନେଇଥିଲେ। ଛାତ୍ରମାନେ ତାଙ୍କୁ ମେଡିକାଲ ଫାଣ୍ଡି ପୋଲିସ ଜିମା ଦେଇଥିଲେ। ମେଡିକାଲ କ୍ୟାମ୍ପସରେ ବିଭିନ୍ନ ସମୟରେ ଗଣ୍ଡଗୋଳ ପରିସ୍ଥିତି ଦେଖା ଦେଉଥିବାରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଛାତ୍ରମାନେ ଦାବି କରିଛନ୍ତି।

## ମୃତକଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ହଡ଼ପ

ହିଞ୍ଜିଳିକାଟୁ, ୩୦।୪(ଡି.ଏନ.ଏ.)

ହିଞ୍ଜିଳି ଥାନା ଶିକିରିସ୍ଥିତ ଷ୍ଟେଟ୍‌ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଜଣେ ମୃତବ୍ୟକ୍ତିଙ୍କ ସଞ୍ଚୟ ଖାତାରୁ ବିଭିନ୍ନ ସମୟରେ ପ୍ରାୟ ୧ଲକ୍ଷ ୮୦ହଜାର ଟଙ୍କା ଏଟିଏମ ମାଧ୍ୟମରେ ହଡ଼ପ ହୋଇଥିବା ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଶିକିରି ଗ୍ରାମର ଯୋଗେନ୍ଦ୍ର ଭଉଳଙ୍କ ମା' ସୁରେଖା ଭଉଳଙ୍କ ନାମରେ ଏକ ସଞ୍ଚୟ ଖାତା ଶିକିରି ଏସ୍‌ବିଆଇ ଶାଖାରେ ଥିଲା। ସୁରେଖାଙ୍କ ୨୦୧୭ ନଭେମ୍ବର ୧ରେ ମୃତ୍ୟୁ ଘଟିଥିଲା।

# ଶବରପଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

ଖଣ୍ଡପଡ଼ା,୩୦।୪(ସ୍ୱ.ପ୍ର.)

ଶ୍ରୀ ନୀଳମାଧବଙ୍କ ଆଦ୍ୟ ସେବକ ବିଶ୍ୱାବସୁ ଶବର ରାଜାଙ୍କ ଗାଁ ଧାନଚେଙ୍ଗଡା ପଞ୍ଚାୟତ ଅଧୀନ କାଳିଆପଲ୍ଲୀ । ସେଠାକାର ଆଦିବାସୀ ସମ୍ପ୍ରଦାୟର ସରଳ ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କୀ ବାତ୍ ସମ୍ପର୍କରେ ରବିବାର ଭାଜପା ଯୁବନେତା ଅଭିଲାଷ ପଣ୍ଡା ଅବଗତ କରିଛନ୍ତି । ସେ କାଳିଆପଲ୍ଲୀ ଗ୍ରାମରେ ପହଞ୍ଚି ସମସ୍ତ ମହିଳା, ପୁରୁଷ ଓ ଯୁବକମାନଙ୍କୁ ଏକାଠି କରାଇ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମକୁ ଏକ ଲ୍ୟାପ୍‌ଟପ୍ ମାଧ୍ୟମରେ ପ୍ରଦର୍ଶନ କରାଇଥିଲେ । ପରେ ପଣ୍ଡା ପ୍ରଧାନମନ୍ତ୍ରୀଙ୍କ କଥାକୁ ଓଡିଆ ଭାଷାରେ ଉପସ୍ଥିତ ଗ୍ରାମବାସୀଙ୍କୁ ବୁଝାଇଥିଲେ । କାର୍ଯ୍ୟକ୍ରମର ଶେଷରେ ଅଧିବାସୀମାନେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୦୦ ତମ ବିଶ୍ୱ ରେକର୍ଡରେ ଖୁସୀ ବ୍ୟକ୍ତ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ଜୀବନ କାମନା କରିଥିଲେ ।



ଶବରପଲ୍ଲୀ ବାସିନ୍ଦା ମନ୍ କୀ ବାତ୍ କାର୍ଯ୍ୟକ୍ରମ ଦେଖୁଛନ୍ତି।

# ବଜରଙ୍ଗୀ ୱାରିୟର୍ସ ଚାମ୍ପିୟନ

ନୂଆଗାଁ, ୩୦।୪ (ଡି.ଏନ.ଏ.)

**୫ମ ସୋରଡା ପ୍ରିମିୟର ଲିଗ୍**

ମା'ପିତାବଳୀ କ୍ରିକେଟ କ୍ଲବ ଆନୁକୁଲ୍ୟରେ ସୋରଡା ଠାରେ ଚାଲିଥିବା ୫ମ ସୋରଡା ପ୍ରିମିୟର ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ ବଜରଙ୍ଗୀ ୱାରିୟର୍ସ ଓ ପ୍ରତିଷ୍ଠା ୱାରିୟର୍ସ ମଧ୍ୟରେ ଖେଳାଯାଇଥିଲା । ପ୍ରତିଷ୍ଠା ୱାରିୟର୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୫୯ ରନ କରିଥିଲା । ଏହାର ଜବାବ୍‌ରେ ବଜରଙ୍ଗୀ ୱାରିୟର୍ସ ୭ ଓଭରରେ ୪ ଉଇକେଟ ବିନିମୟରେ ୬୨ ରନ କରି ବିଜୟୀ ହୋଇଥିଲା । ଆଜିର ମ୍ୟାଚ୍‌ରେ ସାମାଜିକ କର୍ମୀ ଶ୍ରୀହରି ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଭବାନୀ ପ୍ରସାଦ ଦେଓ, ପ୍ରଭାତ ନାୟକ, ମନମୋହନ ନାୟକ, ଅନ୍ତର୍ଯାମୀ ନାୟକ, ବଳଭଦ୍ର ପାତ୍ର, ଶରତ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ପ୍ରତାପ ଡାକୁଆ ଓ ସୌମ୍ୟ ରଞ୍ଜନ ନାୟକ ଆଜିର ମ୍ୟାଚକୁ ପରିଚାଳନା କରିଥିଲେ ।

# କୁକୁର ଆକ୍ରମଣରେ ହରିଣ ମୃତ

ନୂଆଗାଁ,୩୦।୪(ଡି.ଏନ.ଏ.)

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ନିକଟସ୍ଥ ଲିଙ୍ଗିରିବାରୀ ଗ୍ରାମ ନିକଟରୁ ରବିବାର ସକାଳ ୭ ଘଟିକା ସମୟରେ ଏକ ମୃତ ହରିଣ ଉଦ୍ଧାର ହୋଇଥିବା ମହିପୁର ବନ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଏନେଇ ଖବର ପାଇବା ପରେ ମହିପୁର ବନପାଳ ସୂର୍ଯ୍ୟକାନ୍ତ ମହାରଣାଙ୍କ ନେତୃତ୍ୱରେ ଏକ ଟିମ୍ ମୃତ ହରିଣକୁ ଉଦ୍ଧାର କରି ମହିପୁର ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ । ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ମେଗା ନର୍ସରୀ ପରିସରରେ ପୋତି ଦିଆଯାଇଥିଲା । ମୃତ ହରିଣର ଲମ୍ବ ୬ ଫୁଟ ହୋଇଥିବା ବେଳେ ବୟସ ୨ ରୁ ୩ ବର୍ଷ ମଧ୍ୟରେ ହେବ ବୋଲି ସୂଚନା ମିଳିଛି।

# ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ

**ନୟାଗଡ଼ ଅଫିସ.୩୦।୪:**ନୟାଗଡ଼ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ୧୦୦ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇ ଯାଇଛି । ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀଙ୍କ ନେତୃତ୍ୱରେ ନୋଉର ପଞ୍ଚାୟତର ବଉଳସାହି ୧୧୬ ନଂ. ବୁଥ୍, କୁରାଳର ୨୧୧ନଂ. ବୁଥ୍, ଓଡ଼ଗାଁର ୧୭୯ ନଂ ବୁଥ୍‌ରେ ଏହି କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା । ସନ୍ତୋଷ ପ୍ରଧାନ, ନସିର ଅହମ୍ମଦ, ପ୍ରହ୍ଲାଦ ବରାଡ ଏହାକୁ ପରିଚାଳନା କରିଥିଲେ । ସେହିଭଳି ଜହ୍ନିପଦା ପଞ୍ଚାୟତ ୩୦ନଂ.ବୁଥ୍‌ରେ ଭାଜପା ନେତ୍ରୀ ଇରାନୀ ରାୟଙ୍କ ନେତୃତ୍ୱରେ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁରୂପ ଭାବେ ପ୍ରଦର୍ଶନ କରାଯାଇଥିଲା । ଏଥିରେ ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, ଜିଲା ସଭାପତି ଲାଲା ମନୋଜ ରାୟ ଯୋଗ ଦେଇଥିଲେ । ସେହିଭଳି ନୟାଗଡ଼ ୯୧ନଂ.ବୁଥ୍, ଲାଠିପଡା, ରଘୁନାଥପ୍ରସାଦ, କୋରପିଠାରେ ମନ୍ କି ବାତ୍ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଭାଜପା ନେତାମାନେ ଯୋଗ ଦେଇ ମୋଦି ବିଶ୍ୱରେ ଲୋକପ୍ରିୟ ଜନନେତା ହୋଇ ସାରିଲେଣି । ଭାରତ କ'ଣ କରୁଛି, ମୋଦି କ'ଣ ଇସାରା କରୁଛନ୍ତି ତା'ଉପରେ ସମସ୍ତଙ୍କର ନଜର ରହିଛି । ମୋଦିଙ୍କ ପୂର୍ବରୁ କୌଣସି ରାଜନେତା ଏପରି ଲମ୍ବା କାର୍ଯ୍ୟକ୍ରମ କରି ନାହାନ୍ତି । ମୋଦିଙ୍କ ନେତୃତ୍ୱରେ ଯେଉଁ ପ୍ରଗତୀ ହେଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି ବୋଲି କହିଛନ୍ତି ।



ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭାଜପା କର୍ମୀ ଓ ନେତା।

# ୫ଶହ ବର୍ଷର ପରମ୍ପରା ମୁଣ୍ଡ ରାମଲୀଳା

ଶରଣକୁଳ,୩୦।୪(ଡି.ଏନ.ଏ.)

ନୟାଗଡ଼ ଜିଲା ତା'ର ଅନନ୍ୟ ଲୋକକଳା ପାଇଁ ବିଖ୍ୟାତ। ନୟାଗଡ଼ର ଢ଼େଣ୍ଟୁକୋଇଲା, ବାଉଁଶରାଣୀ ଖେଳ, ଡୁମ୍ପା, ଦଣ୍ଡନୃତ୍ୟ, ମୁଣ୍ଡପୋତା କେଳା ଅଭିନୟ, ଯୋଗୀ କେନ୍ଦେରା ଗୀତ, କଣ୍ଢେଇ ନାଚ, ଏକକ ନୃତ୍ୟାଭିନୟ, ଦାସକାଠିଆ ଓ ଘୁଡୁକୀ ନୃତ୍ୟ ସାରା ରାଜ୍ୟରେ ସ୍ୱତନ୍ତ୍ରତା ବଜାୟ ରଖିଛି। ସେଥି ମଧ୍ୟରୁ ମୁଣ୍ଡ ରାମଲୀଳା ବି ଦର୍ଶକଙ୍କ ମନରେ ଆଜି ବି ଆଧ୍ୟାତ୍ମିକ ଚେତନା ଭରି ଦେଉଛି ।

ଶରଣକୁଳ ଗୁଡ଼ିଆ ସାହିରେ ଗତ ୫ ଶହ ବର୍ଷ ଧରି ବଞ୍ଚି ରହିଛି ଏହି ଲୋକକଳା । ପ୍ରତିବର୍ଷ ଅକ୍ଷୟ ତୃତୀୟାରୁ ଶୁଭ ଖୁଣ୍ଟି ପଡି ଏହି ମୁଣ୍ଡ ରାମଲୀଳା ମଞ୍ଚସ୍ଥ ହୋଇଥାଏ। ସାହିର ଉତ୍ସାହି ଯୁବକ ଓ ଅଭିଜ୍ଞତା ସମ୍ପନ୍ନ ମୁରବୀମାନେ ବିନା ସରକାରୀ ଅନୁଦାନ କିମ୍ବା ଅନ୍ୟ କିଛି ଆର୍ଥିକ ସହାୟତା ବିନା ଏହି ଅଭିନୟକୁ ଆଜି ପର୍ଯ୍ୟନ୍ତ ଜାରି ରଖିଛନ୍ତି । ସେମାନେ ନିଜ ଭିତରେ ଚାନ୍ଦା ଆଦାୟ କରି ସେହି ଲୋକ କଳାକୁ ବଞ୍ଚାଇ ରଖିଛନ୍ତି। ଅକ୍ଷୟତୃତୀୟ ମାସେ ପୂର୍ବରୁ ବିଭିନ୍ନ ସାହିରେ ସଭା ବସି ଏ ବିଷୟରେ ଆଲୋଚନା ହୋଇଥାଏ। ସାହିର ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କମାନେ କିଏ କେଉଁ ଭୂମିକାରେ ଅଭିନୟ କରିବେ ତାହା ବଛା ଯାଇଥାଏ। ସମସ୍ତେ ଅରୁଆ ହବିଷାନ୍ନ ଖାଇ ସନ୍ଧ୍ୟାରେ ଅଭିନୟ ପାଇଁ ପ୍ରସ୍ତୁତି ଆରମ୍ଭ କରନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ କଳାକାର ପେଟିଂକାମ ସୁଚାରୁ ରୂପେ ତୁଲାଇ ଅଭିନେତାମାନଙ୍କୁ ବେଶ କରାନ୍ତି। ଲୋକଙ୍କ ବିଶ୍ୱାସ, ନିଷ୍ଠାରେ ନ ରହିଲେ ଶତାଧିକ ବର୍ଷ ଧରି ପୂଜିତ ହନୁମାନାଦି ମୁଣ୍ଡ ଧାରଣ କରି ନୃତ୍ୟ କରିବା ସମ୍ଭବ ହୋଇ ନ ଥାଏ । ସାହିର ବର୍ଷିୟାନ ବ୍ୟକ୍ତି ବ୍ରଜବନ୍ଧୁ ମହାପାତ୍ରଙ୍କୁ ଏସମ୍ପର୍କରେ ପଚାରିବାରୁ ସେ କୁହନ୍ତି, ଯେଉଁ ବର୍ଷ ଏ ମୁଣ୍ଡ ରାମଲୀଳା ବନ୍ଦ ହୁଏ ସାହିରେ ଦୈବ ଦୁର୍ବିପାକ ଦେଖାଦିଏ । ମୁଣ୍ଡରାମଲୀଳାର ବିଶେଷତ୍ୱ ହେଲା ରାମ,ଲକ୍ଷ୍ମଣ ଓ ସୀତାଙ୍କ ଚରିତ୍ରକୁ ଛାଡି ଦେଲେ ରାମାୟଣର ଆଉ ସମସ୍ତ ଚରିତ୍ର କାଠରେ ନିର୍ମିତ ମୁଣ୍ଡକୁ ମୁଣ୍ଡାଇ ନୃତ୍ୟ ପ୍ରଦର୍ଶନ ତଥା ଅଭିନୟ କରିଥାନ୍ତି। ଅନ୍ୟପକ୍ଷେ ସୀତାଦି ସମସ୍ତ ନାରୀ ଚରିତ୍ରରେ ପୁଅମାନେ ଅଭିନୟ କରନ୍ତି। ଆରଣ୍ୟକ କାଣ୍ଡଠାରୁ ଆରମ୍ଭ କରି ରାମାଭିଷେକ ପର୍ଯ୍ୟନ୍ତ ସମସ୍ତ ବିଷୟ ପ୍ରତିଦିନ ଏକ ସୁସଜ୍ଜିତ ମଞ୍ଚରେ ମଞ୍ଚସ୍ଥ ହୋଇଥାଏ । ରାମାୟଣ ପାରାୟଣ ସାଙ୍ଗକୁ ଅଭିନୟ ହୁଏ। କେତେଜଣ କଳାକାର ନିଜସ୍ୱ କଣ୍ଠରେ ଗୀତ ଗାୟନ କଲା ବେଳେ କିଛି ପଂକ୍ତି ପୁରାଣ ଗାୟକ ପଢ଼ନ୍ତି। ଆକର୍ଷଣୀୟ ବେଶଭୂଷା ସହିତ ବିଭିନ୍ନ ଚରିତ୍ରର କାଠମୁଣ୍ଡ ପିନ୍ଧି ଅଭିନୟ କରିବା କଷ୍ଟ ସାଧ୍ୟ ହୋଇଥିଲେ ମଧ୍ୟ କଳାକାରମାନେ ବେଶ ଉତ୍ସାହିତ ଅଭିନୟ କରିଥାନ୍ତି। ପୁରାତନ କଳାକାରମାନେ ନୂତନ କଳାକାରଙ୍କୁ ନିର୍ଦ୍ଦେଶନା ଦେଇଥାଆନ୍ତି। କମିଟିର ସମ୍ପାଦକ ବିଶ୍ୱଜିତ ସାହୁଙ୍କ ତତ୍ତ୍ୱାବଧାନରେ ମୁଣ୍ଡ ରାମଲୀଳା ପରିଚାଳିତ ହେଉଥିବା ବେଳେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭେଇ ଥାନ୍ତି ରାମ ନାଟକର ଗାୟକ ବ୍ରଜକିଶୋର ମହାପାତ୍ର ଓ ନିର୍ଦ୍ଦେଶକ ସୀତାରାମ ମହାପାତ୍ର। ପୁରାତନ କବି ବିକ୍ରମ ଭଣତିଙ୍କ ଦ୍ୱାରା ରଚିତ ହୋଇଥିବା 'ମୁଣ୍ଡ ରାମଲୀଳା' ଦେଖିବାକୁ ଭିଡ଼ ଜମାଇଥାଆନ୍ତି ଅଞ୍ଚଳବାସୀ । ଧର୍ମ ଓ ପରମ୍ପରାର ବାହକ ଏହି ପୁରାତନ ଲୋକକଳାକୁ ବଞ୍ଚାଇ ରଖିବାକୁ ସରକାରୀ ପ୍ରୋତ୍ସାହନ ଓ ସଂସ୍କୃତି ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶରଣକୁଳର ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି ।



ରାମଲୀଳାରେ କଳାକାରମାନେ ବ୍ୟବହାର କରିଥିବା ମୁଖା।

